## ଧର୍ମଶାଳାର ବିକାଶରେ ଯୋଡ଼ିହେଲା ଆଉ ଏକ ଫର୍ଦ୍ଦ

# ୧୬୧ କୋଟି ଟଙ୍କାର ୧୨ଟି ରାସ୍ତାର ଶିଳାନ୍ୟାସ

**ଧର୍ମଶାଳା/କବାଟବନ୍ଧ/କୁଆଖିଆ, ୮।୧୨(ସମିସ)**

ଧର୍ମଶାଳାର ବିକାଶ ଫର୍ଦ୍ଦରେ ଯୋଡ଼ି ହୋଇଛି ଗ୍ରାମାଞ୍ଚଳର ଗମନାଗମନ ସୁବ୍ୟବସ୍ଥା। ସହର ଭଳି ଗାଁ ଗଣ୍ଡାରେ ଲୋକମାନେ ପ୍ରଶସ୍ତିକରଣ ଓ ଚକଚକିଆ ରାସ୍ତାରେ ଚାଲିବେ। ଆଗ ଭଳି ଆଉ ଭିଡ଼ ହେବନି କାଏମା ଶାନ୍ତିବଜାର ରାସ୍ତା। ପ୍ରଥମଥର ପାଇଁ ମେଡିକାଲ, ଥାନା ଓ ତହସିଲକୁ ଦୁଇଥାକିଆ ରାସ୍ତା ଉପହାର। ସବୁଠାରୁ ବଡ ବଜେଟରେ ନିର୍ମାଣ ହେବାକୁ ଯାଉଛି ନିର୍ବାଚନ ମଣ୍ଡଳୀର ୧୨ଟି ପ୍ରମୁଖ ରାସ୍ତା। ଏ ଅବସରରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ୧୬୧ କୋଟି ଟଙ୍କାର ୧୨ଟି ପ୍ରକଳ୍ପକୁ ଶିଳାନ୍ୟାସ କରିଛନ୍ତି ବିଧାୟକ ପ୍ରଣବ ବଳବନ୍ତରାୟ।



ପୂର୍ତ୍ତ ବିଭାଗ ଦ୍ୱାରା ନେଉଳପୁର-ହରିଦାସପୁର ରାସ୍ତା ପାଇଁ ୨୨ କୋଟି ୩୯ ଲକ୍ଷ, ବେଦପୁର-ଜନକ ୨୨ କୋଟି ୨୦ ଲକ୍ଷ, ଧର୍ମଶାଳା-ବଡ଼କାଏମା ୧୮ କୋଟି ୪୨ ଲକ୍ଷ, କୁଆଖିଆ-ଜେନାପୁର ୧୮ କୋଟି ୨୯ ଲକ୍ଷ, ଧର୍ମଶାଳା-କବାଟବନ୍ଧ ୧୭ କୋଟି ୪୦ ଲକ୍ଷ, ବଡକାଏମା-ନରସିଂହପୁର ୧୫ କୋଟି ୧୭ ଲକ୍ଷ, ଧର୍ମଶାଳା ବାଇପାସ ୧୪ କୋଟି ୬୪ ଲକ୍ଷ, କେଜିବିଡିବି ୯ କୋଟି ୯୫ ଲକ୍ଷ, କବାଟବନ୍ଧ-ମଞ୍ଜୁରୀପଡ଼ା ୮ କୋଟି ୭୬ ଲକ୍ଷ, ବାରବାଟୀ-ସିଂହାପୁର ୭ କୋଟି ୬୬ ଲକ୍ଷ, ନାକପୋଲ-ମାଣ୍ଡିଆ ୩ କୋଟି ୯୮ ଲକ୍ଷ ଓ ନେଉଳପୁର-ହରିଦାସପୁର ରାସ୍ତା ପାଇଁ ୨ କୋଟି ୯୧ ଲକ୍ଷ ଟଙ୍କାର ଏହି ୧୨ଟି ପ୍ରକଳ୍ପକୁ ପୃଥକ୍ ପୃଥକ ସ୍ଥାନରେ ପହଞ୍ଚି ଶିଳାନ୍ୟାସ କରିଥିଲେ ବିଧାୟକ ଶ୍ରୀ ବଳବନ୍ତରାୟ। ଅନ୍ୟମାନଙ୍କ ମଧ୍ୟରେ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ ରାଉତ ଓ ସମସ୍ତ ଜୋନର ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟ/ସଭ୍ୟା ଉପସ୍ଥିତ ଥିଲେ।

ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅଧୀକ୍ଷଣ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଦଳାଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ନରୋତ୍ତମ ଦାସ ଓ ସହକାରୀ ଯନ୍ତ୍ରୀ ବିରେନ ବସୁ। ଗୋଟିଏ ଦିନରେ ୧୬୧ କୋଟି ଟଙ୍କାର ୧୨ଟି ପ୍ରକଳ୍ପ ଏକ ନିଆରା ଓ ଯୁଗାନ୍ତକାରୀ ପଦକ୍ଷେପ। ଧର୍ମଶାଳାର ବିକାଶ ଧାରା ବିଶେଷ କରି ଜନସାଧାରଣଙ୍କ ଗମନାଗମନ ବ୍ୟବସ୍ଥାରେ ଆହୁରି ସୁବିଧା ଓ ସହଜ ହେବ ବୋଲି ଶ୍ରୀ ବଳବନ୍ତରାୟ ମତ ପ୍ରକାଶ କରିଛନ୍ତି। ଏହି ଶିଳାନ୍ୟାସ ସମୟରେ ବିଧାୟକଙ୍କୁ ବିଭିନ୍ନ ସ୍ଥାନରେ ବିଜେଡି କର୍ମୀ ଭବ୍ୟ ସମ୍ବର୍ଦ୍ଧନା ଦେଇ ପାଛୋଟି ନେଇଥିଲେ।

## ଜିସି କଲେଜରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**ବରୀ, ୮।୧୨(ସମିସ):** ଗୋପବନ୍ଧୁ ଚୌଧୁରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅବସରରେ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରବୋଧ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଚାରକ ମଣ୍ଡଳୀ ଭାବେ ଅଲିଆବାଦ ଗ୍ରାମର ସୁନାମଧନ୍ୟ ସଙ୍ଗୀତଜ୍ଞ ଗୋପୀନାଥ ଦାସ, ଅଧ୍ୟାପକ ଡଃ ଜ୍ଞାନୀନ୍ଦ୍ର କୁମାର ଧଳ, ଅଧ୍ୟାପିକା ପାରମିତା ସେଠୀ, ପ୍ରାଧ୍ୟାପିକା ମିତାଞ୍ଜଳି ମହାନ୍ତି, ପ୍ରାଧ୍ୟାପକ ନରୋତ୍ତମ ପରିଡ଼ା ଦାୟିତ୍ୱ ନିର୍ବାହ କରିଥିଲେ। ସାଂସ୍କୃତିକ ବିଭାଗ ସଂଯୋଜକ ପ୍ରାଧ୍ୟାପକ ବିମଳ କୁମାର ଜେନା, ଡଃ ମୃତ୍ୟୁଞ୍ଜୟ ଦାସ, ପ୍ରଭାକର ସେଠୀ ପ୍ରମୁଖ ମଞ୍ଚ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀ ଗୁରୁତର

**ଧର୍ମଶାଳା, ୮।୧୨(ସମିସ):** ସଡ଼କ ସୁରକ୍ଷା ସପ୍ତାହ କେବଳ ଲୋକ ଦେଖାଣିଆ ଚାଲିଛି ଜାତୀୟ ରାଜପଥ କଡ଼ରେ ବେଆଇନ ପାର୍କିଂ କାରଣରୁ ବହୁ ସମୟରେ ଦୁର୍ଘଟଣା କାରଣରୁ ଅମୂଲ୍ୟ ଜୀବନ ଚାଲିଯାଉଛି। ଦୁର୍ଘଟଣା ରୋକିବାରେ ପ୍ରଶାସନ ସେତେଟା ତତ୍ପର ଥିବା ଭଳିଫଦେଖିବାକୁ ମିଳୁନି। ଶୁକ୍ରବାର ଦିନ ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ରଥିଆ ଛକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଜାତୀୟ ରାଜପଥ କଡ଼ରେ ଥିବା ଏକ ହୋଟେଲ ସମ୍ମୁଖରେ ଏକ କାର୍ ପାର୍କିଂ କାରଣରୁ ପଛରୁ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ କାର୍‌କୁ ଧକ୍କା ଦେଇଥିଲା। ଫଳରେ ଦୁଇଜଣ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଥିଲେ। ଉଭୟ ଗୁରୁତରଙ୍କୁ ସ୍ଥାନୀୟ ଲୋକେ ଚିକିତ୍ସା ପାଇଁ କଟକ ପଠାଇଥିଲେ। ଉଭୟ ଗୁରୁତରଙ୍କ ପରିଚୟ ମିଳିପାରିନାହିଁ।

# ଗାଁକୁ ସହର ସଦୃଶ କରିବାକୁ ସାଂସଦଙ୍କ ପ୍ରୟାସ

**କୁନ୍ଦଳ, ୮।୧୨(ସମିସ):** ସହରାଞ୍ଚଳରେ ଯେଉଁ ସବୁ ସୁବିଧା ଉପଲବ୍ଧ ହେଉଛି, ଗ୍ରାମାଞ୍ଚଳରେ ଯେଭଳି ସୁବିଧା ଉପଲବ୍ଧ କରାଯିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ସ୍ୱପ୍ନ ଦେଖିଛନ୍ତି। ତାହାକୁ ସାକାର କରିବାକୁ ଅଣ୍ଟା ଭିଡ଼ିଛନ୍ତି ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ। ଯାଜପୁର ଜିଲ୍ଲାର ବଡ଼ଚଣା, ରସଲପୁର, ବିଞ୍ଝାରପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ସାଂସଦଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ବିଶ୍ରାମ ପାଇଁ ଚେୟାର ଓ ଆଲୋକିକରଣ ପାଇଁ ସୋଲାର ଲାଇଟ୍ ଯୋଗାଇ ଦିଆଯାଇଛି।

ପ୍ରଥମ ପର୍ଯ୍ୟାୟରେ ବଡ଼ଚଣା ବ୍ଲକର କୋଲଣଗିରି, ବରପଦା, ସୁଙ୍ଗୁଡ଼ା, ପଳୀପୁର, ବଡ଼ଘୁମୁରି, ନେଳିଆ, ରାଧାଦେଇପୁର, ବାଲିଚନ୍ଦ୍ରପୁର, ଗୋପାଳପୁର ଆଦି ୧୦ଟି ପଞ୍ଚାୟତରେ ସିମେଣ୍ଟ ଚେୟାରରେ ସାଂସଦଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଶର୍ମିଷ୍ଠା ସେଠୀଙ୍କ ନାମରେ ସବୁଜ ରଙ୍ଗରେ ପଡ଼ିଥିବା ଦେଖାଯାଇଛି। ପଞ୍ଚାୟତର ବିଭିନ୍ନ ଦେବାଳୟ ଓ ବିଶ୍ରାମ ସ୍ଥାନରେ ଏହି ସୁବିଧା ଯୋଗାଇ ଦିଆଯାଇଛି। ବର୍ତ୍ତମାନର ସାଂସଦ ଶ୍ରୀମତୀ ସେଠୀ ଏସବୁ କାର୍ଯ୍ୟକ୍ରମ ମାଧ୍ୟମରେ ସାଧାରଣ ଲୋକଙ୍କ ସହ ଯୋଡ଼ି ହୋଇ ରହିବା ଉଦ୍ୟମକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି। ଖୁବ କମ୍ ଦିନ ମଧ୍ୟରେ ବଡ଼ଚଣା ବ୍ଲକର ଆଉ ୧୫ଟି ପଞ୍ଚାୟତରେ ଉକ୍ତ ସୁବିଧା ଯୋଗାଇ ଦିଆଯିବା ପାଇଁ ସ୍ଥିର ହୋଇଥିବାବେଳେ ଆଗାମୀ ଦିନରେ ସମସ୍ତ ପଞ୍ଚାୟତରେ ଏଭଳି ବ୍ୟବସ୍ଥା କରାଯିବ ବୋଲି ସାଂସଦଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

### ବାଇକ୍ ଧକ୍କାରେ ବ୍ୟବସାୟୀଙ୍କ ମୃତ୍ୟୁ

**ଡେରାବିଶ, ୮।୧୨ (ସମିସ):** କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜରାସ୍ତାର ଜମଧର ଛକ ଠାରେ ଗୁରୁବାର ରାତିରେ ବାଇକ୍ ଧକ୍କାରେ ବ୍ୟବସାୟୀ ଜମଧର ଗ୍ରାମର ହଫିଜଉଦ୍ଦିନ୍‌ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି।

# କଳା ବ୍ୟାଜ୍ ପିନ୍ଧି ବଡ଼ଚଣା ରିଟେଲର୍ ସଂଘର ବିକ୍ଷୋଭ




ବଡ଼ଚଣା, ୮।୧୨ (ସମିସ): ଯାଜପୁର ଜିଲ୍ଲାର ବଡଚଣା ରିଟେଲର ସଂଘ ପକ୍ଷରୁ ବକେୟା ପାଉଣା ପାଇଁ ଦାବି କରି କଳା ବ୍ୟାଜ୍ ପିନ୍ଧି ବିକ୍ଷୋଭ କରାଯାଇଛି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଖାଉଟି ସାମଗ୍ରୀକୁ ରିଟେଲର ବଣ୍ଟନ କରିଆସୁଥିଲେ ମଧ୍ୟ ସେମାନେ ବକେୟା ପାଉଣା ପାଇ ନ ଥିବାରୁ ସଂଘ ପକ୍ଷରୁ ଅସନ୍ତୋଷ ବୃଦ୍ଧି ପାଇଛି। ରିଟେଲରଙ୍କ ପାରିଶ୍ରମିକ ଅର୍ଥରାଶି ବୃଦ୍ଧି, ବକେୟା ଅର୍ଥରାଶି ପ୍ରଦାନ, ସ୍ୱାସ୍ଥ୍ୟବୀମାରେ ସାମିଲ ପ୍ରମୁଖ ଦାବି ନେଇ ସର୍ବଭାରତୀୟ ଡିଲର ଫେଡେରେସନ୍ ନିଷ୍ପତ୍ତି କ୍ରମେ ଯାଜପୁର ଜିଲ୍ଲା ସଂଘର ନିର୍ଦ୍ଦେଶ ଅନୁସାରେ ବଡଚଣା ବ୍ଲକ ରିଟେଲର ସଂଘ ପକ୍ଷରୁ ଚଣ୍ଡିଖୋଲସ୍ଥ ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟରେ ସମସ୍ତ ଡିଲର ଓ ସଂଘର ସଭାପତି, ସମ୍ପାଦକ ପ୍ରମୁଖ ଉପସ୍ଥିତ ରହି କଳା ବ୍ୟାଜ୍ ପିନ୍ଧି ବିକ୍ଷୋଭ କରିଥିଲେ। ଏହାର ସମାଧାନ ନ ହେଲେ ଜାନୁଆରୀ ୧ ତାରିଖରୁ ଖାଉଟି ସାମଗ୍ରୀ ବଣ୍ଟନ ବନ୍ଦ ରଖିବା ସହ ଜାନୁଆରୀ ୧୬ ତାରିଖରେ ସର୍ବଭାରତୀୟ ସଂଘର ନିଷ୍ପତ୍ତି ଅନୁସାରେ ରିଟେଲର ନୂଆଦିଲ୍ଲୀସ୍ଥ ସଂସଦ ଭବନ ନିକଟରେ ଧାରଣା ଦେବେ ବୋଲି ସଂଘ ପକ୍ଷରୁ ଘୋଷଣା କରାଯାଇଛି।















## କୁଆପଥର ମାଡ଼ରେ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଦାବି

**ବଡ଼ଚଣା, ୮।୧୨ (ସମିସ):** ଗତ ଏପ୍ରିଲ ମାସରେ ହଠାତ ପ୍ରବଳ ମାତ୍ରାରେ କୁଆପଥର ବୃଷ୍ଟି ହେବାରୁ ବଡଚଣା ବ୍ଲକ ଅନ୍ତର୍ଗତ କୁନ୍ଦଳ, ଅଣକା ଓ ମାଣ୍ଡୁକା ପଞ୍ଚାୟତର ବହୁ ଲୋକଙ୍କ ଟିଣ, ଆଜବେଷ୍ଟ ଓ ଟାଇଲ ଛପର ଘର ଭାଙ୍ଗି କଣା ହୋଇଯାଇଥିଲା। ସରକାରଙ୍କ ପକ୍ଷରୁ କ୍ଷତିଗସ୍ତ ପରିବାରକୁ ତୁରନ୍ତ ପାଲ ଓ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସରକାର ଘୋଷଣା କରିଥିଲେ। ଦର୍ପଣ ତହସିଲ ପକ୍ଷରୁ ରାଜସ୍ୱ ନିରୀକ୍ଷକ ସମ୍ପୃକ୍ତ ଗ୍ରାମକୁ ଯାଇ କ୍ଷତିଗସ୍ତ ପରିବାରଙ୍କର ଆକଳନ କରି ସେମାନଙ୍କୁ ପାଲ ଓ ମରାମତି ପାଇଁ ଆର୍ଥିକ ସହୟତା ପ୍ରଦାନ କରିଛନ୍ତି। ମାତ୍ର ଦୁଃଖ ଓ ପରିତାପର ବିଷୟ ୨୨ ମୌଜା ରାଜସ୍ୱ ନିରୀକ୍ଷକ ଅଣକା ପଞ୍ଚାୟତର ଭୁଲୁକା ଗ୍ରାମକୁ ଯାଇ କ୍ଷତିଗସ୍ତ ଆକଳନ କରିଥିବା ସତ୍ତ୍ୱେ ୬୦ରୁ ଊର୍ଦ୍ଧ୍ୱ ପରିବାର ଏ ପର୍ଯ୍ୟନ୍ତ ପାଲ କିମ୍ବା ଆର୍ଥିକ ସହାୟତା ପାଇନାହାନ୍ତି। ଟିକିଏ ବର୍ଷା ହେଲେ କ୍ଷତିଗସ୍ତ ପରିବାର ଘରେ ରହିପାରୁନାହାନ୍ତି। ତୁରନ୍ତ ଉଲୁକା ଗ୍ରାମରେ ସହାୟତା ପ୍ରଦାନ କରା ନ ଗଲେ ଆଗାମୀ ଦିନରେ କ୍ଷତିଗସ୍ତ ପରିବାର ଦର୍ପଣ ତହସିଲ ଆଗରେ ଧରଣା ଦେବେ ବୋଲି ଘୋଷଣା କରିଛନ୍ତି।

### ମାଗଣା ଚକ୍ଷୁ ପରୀକ୍ଷା ଶିବିର

**ବ୍ରହ୍ମବରଦା, ୮।୧୨(ସମିସ):** ଯାଜପୁର ବ୍ଲକ ଝାଲପଡ଼ା ପଞ୍ଚାୟତର ସାନବାଗସାହି ରବୀନ୍ଦ୍ର କ୍ଲବ ପରିସରରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲିଚନ୍ଦ୍ରପୁର ନଳୀପୁରସ୍ଥ ସାଇ ଶାନ୍ତି ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଅନୁଷ୍ଠିତ ଏହି ଶିବିରରେ ୨୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଚକ୍ଷୁ ପରୀକ୍ଷା କରିଥିବାବେଳେ ୩ ଜଣଙ୍କୁ ମୋତିଆବିନ୍ଦୁ ଚିହ୍ନଟ କରାଯିବା ସହିତ ସେମାନଙ୍କୁ ଅସ୍ତ୍ରୋପଚାର ପାଇଁ ନିଆଯାଇଛି। ଚିକିତ୍ସକ ଅର୍ଚ୍ଚନା ନାୟକଙ୍କ ସମେତ ସସ୍ମିତା ବେହୁରା, ପବିତ୍ର ସାମଲ ଯୋଗ ଦେଇଥିଲେ।







### ପ୍ରକଳ୍ପ ପାଇଁ ଘର ଭାଙ୍ଗିବାକୁ ଉଦ୍ୟମ

# ଏଡିଏମ୍‌ଙ୍କ ହସ୍ତକ୍ଷେପ ଲୋଡ଼ିଲେ ପ୍ରଭାବିତ ଲୋକେ

**କୋରେଇ, ୮ ।୧୨(ସମିସ)**

ଜମି ଅଧିଗ୍ରହଣ ଆଇନକୁ ଖୋଲା ଉଲ୍ଲଂଘନ କରାଯାଇଛି । ରେଙ୍ଗାଲି ପ୍ରକଳ୍ପ ପାଇଁ ସ୍ଥାୟୀ ଭାବେ ବସତି ସ୍ଥାପନ କରୁଥିବା ଆଦିବାସୀଙ୍କ ଘର ଭାଙ୍ଗିବାକୁ ଅଧିକାରୀ ଉଦ୍ୟମ କରିଛନ୍ତି । ଏପରି ଏକ ଘଟଣା ଘଟିବାକୁ ଯାଉଛି ବ୍ୟାସନଗର ତହସିଲ ଅଧୀନ ପାଟରଙ୍ଗା ପଞ୍ଚାୟତର ଗୋହିରାଗଡ଼ିଆ ଗ୍ରାମର ଭାଲୁକାହୁଡି ଆଦିବାସୀ ସାହିରେ । ଯାହାକୁ ବିରୋଧ କରି ପ୍ରଭାବିତ ଆଦିବାସୀ ସିଭିଲ ସୋସାଇଟି ଫୋରମର ସମ୍ପାଦକ ବିଶ୍ୱନାଥ ପାତ୍ରଙ୍କ ନେତୃତ୍ୱରେ ଏଡିଏମଙ୍କ ସହ ଜମି ଅଧିଗ୍ରହଣ ଅଧିକାରୀଙ୍କ ହସ୍ତକ୍ଷେପ ଲୋଡିଥିବା ଜଣାପଡ଼ିଛି ।




ସୂଚନା ମୁତାବକ, କୋରେଇ ବ୍ଲକ ବ୍ୟାସନଗର ତହସିଲ ଅଧୀନ ଗୋହିରାଗଡ଼ିଆ ଭାଲୁକାହୁଡି ଦେଇ ରେଙ୍ଗାଲି କେନାଲ ଯାଉଛି । ଏହି ପ୍ରକଳ୍ପ ନିମନ୍ତେ ପୂର୍ବରୁ ସର୍ଭେ ହୋଇଥିଲା । ଚିହ୍ନଟ ଜାଗା ଛାଡ଼ି ଲୋକଙ୍କୁ କୌଣସି ସୂଚନା ନ ଦେଇ ଜମି ଅଧିଗ୍ରହଣ ଆଇନ ୨୦୧୩କୁ ଖୋଲା ଉଲ୍ଲଂଘନ କରି ବର୍ତ୍ତମାନ ବସତି ସ୍ଥାପନା କରି ରହୁଥିବା ନିରୀହ ଆଦିବାସୀଙ୍କ ଜମି ଓ ଘରଦ୍ୱାର ଉପରେ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାକୁ ଉଦ୍ୟମ ହେଉଛି । ଫଳରେ ଏଠାରେ ରହୁଥିବା ଯୁଗଳ ମୁର୍ମୁ, ସାଲଗେ ମୁର୍ମୁ, ବାବୁଲି ସୋରେନ, ଜବମଣି ସୋରେନ, ସୀତା ସୋରେନ, ଦୁର୍ଗୀ ମୁର୍ମୁ, ଡଲି କିସକୁଙ୍କ ଘର ସହ ସେମାନଙ୍କ ଚାଷଜମି ଯାଉଛି । ଏଥିନିମନ୍ତେ ମେସିନ ଲଗାଇ କାର୍ଯ୍ୟ ମଧ୍ୟ କରାଯାଉଛି । କୌଣସି ପ୍ରକଳ୍ପ କରିବା ନିମନ୍ତେ ଜମି ଅଧିଗ୍ରହଣ ଆଇନ ଅନୁଯାୟୀ ପଟ୍ଟା ଓ ଅନାବାଦୀରେ ରହୁଥିବା ଲୋକଙ୍କ ଜମି ଅଧିଗ୍ରହଣ କରିବା ପୂର୍ବରୁ ଗ୍ରାମସଭା କରି ଲୋକଙ୍କୁ ସୂଚନା ପ୍ରଦାନ କରିବା କଥା । ଏଥିସହିତ ଉପଯୁକ୍ତ କ୍ଷତିପୂରଣ ରାଶି ପ୍ରଦାନ କରିବା ପରେ ଜମି ଅଧିଗ୍ରହଣ କରିବାର ନିୟମ ରହିଥିବାବେଳେ ଏହି ଆଇନକୁ ଏଠାରେ ଖୋଲା ଉଲ୍ଲଂଘନ କରି ମେସିନ ମାଧ୍ୟମରେ ଲୋକଙ୍କ ଘରଦ୍ୱାର ଭାଙ୍ଗିବା ପାଇଁ ପ୍ରୟାସ କରାଯାଉଛି । ଯଦି ଏଭଳି କାର୍ଯ୍ୟ କରାଯାଉଥାଏ ତେବେ ଉକ୍ତ କାର୍ଯ୍ୟକୁ ତୁରନ୍ତ ବନ୍ଦ କରି ପୂର୍ବରୁ ସର୍ଭେ ହୋଇଥିବା ଜାଗା ଉପରେ ପ୍ରକଳ୍ପ କାର୍ଯ୍ୟ କରିବାକୁ ଏଡିଏମଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏଥିସହ ଲୋକଙ୍କୁ କ୍ଷତିପୂରଣ ନ ଦେଇ ବଳପୂର୍ବକ ମେସିନ ଲଗାଇ କାର୍ଯ୍ୟ କଲେ ଏହାକୁ ତୀବ୍ର ବିରୋଧ କରାଯିବ ବୋଲି ପ୍ରଭାବିତ ଆଦିବାସୀ ସୁକିନ୍ଦାରେ ରେଙ୍ଗାଲି ଜାଇକା ପ୍ରକଳ୍ପର ଜଳ ସମ୍ପଦ ବିଭାଗର ଜମି ଅଧିଗ୍ରହଣ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରି ଚେତାବନୀ ଦେଇଛନ୍ତି ।

### ଗୋରୁ ବୋଝେଇ ପିକ୍‌ଅପ୍ ଜବତ

## ୩୪ ଗୋରୁ ଉଦ୍ଧାର, ଦୁଇ ମୃତ



**ସୁକିନ୍ଦା/ଦାନଗଦି, ୮ ।୧୨(ସମିସ):** ଗୁରୁବାର ବିଳମ୍ବିତ ରାତିରେ ସୁକିନ୍ଦା ପୁଲିସ ହରିପୁର ନିକଟରୁ ଗୋରୁ ନେଇ ଯାଉଥିବା ଦୁଇଟି ପିକଅପ୍ ଜବତ କରିବା ସହ ୩୪ଟି ଗୋରୁ ଉଦ୍ଧାର କରିଛି । ଅତି ଅମାନୁଷିକ ଭାବେ ଗୋରୁ ନେଉଥିବା କାରଣରୁ ସେଥିମଧ୍ୟରୁ ଦୁଇଟି ଗୋରୁଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ସୁକିନ୍ଦା ଥାନା ଅନ୍ତର୍ଗତ ହରିପୁର ଅଞ୍ଚଳରୁ ବେଆଇନ ଗୋ ଚାଲାଣ ହେଉଥିବା ଖବର ପାଇ ପୁଲିସ ଜଗି ରହିଥିଲା । ଦୁଇଟି ବେଆଇନ ଗୋରୁ ବୋଝେଇ ପିକଅପ୍ ରାତିରେ ପାର ହେଉଥିବାବେଳେ ପୁଲିସ ସମ୍ପୃକ୍ତ ଗାଡ଼ିକୁ ଜବତ କରି ଥାନାରେ ଅଟକ ରଖିବା ସହ ଦୁଇ ଗାଡ଼ି ଚାଳକଙ୍କୁ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି । ଜବତ ଦୁଇ ଗାଡ଼ିରୁ ୩୪ରୁ ଊର୍ଦ୍ଧ୍ୱ ଗୋରୁ ଉଦ୍ଧାର ହୋଇଥିବାବେଳେ ଦୁଇଟି ଗୋରୁଙ୍କ ମୃତ୍ୟୁ ଘଟିଥିବା ଓ ଅନେକ ଗୋରୁ ଆହତ ହୋଇଥିବା ଦେଖିବାକୁ ମିଳିଛି । ସୁକିନ୍ଦା ପୁଲିସ ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ସମସ୍ତ ଗୋରୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହିତ ମୃତ ଗୋରୁଙ୍କ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି ।

## ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ, ଘଟଣାସ୍ଥଳରେ ଉତ୍ତେଜନା

**ପାଣିକୋଇଲି, ୮ ।୧୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ନଂ ଜାତୀୟ ରାଜପଥ ଚାନ୍ଦପୁର ନିକଟସ୍ଥ ସାଇସୁଧା ମୋଟର ସମ୍ମୁଖରେ ଏକ ଟ୍ରକ୍ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ପୂର୍ବରୁ ଛୋଟ ଦୁର୍ଘଟଣା ହେଉଥିବାବେଳେ ସାଇସୁଧା ମୋଟରର ବେଆଇନ ପାର୍କିଂ ଯୋଗୁଁ ଆଜି ଜଣେ ଯୁବକଙ୍କ ଅକାଳ ବିୟୋଗ ହୋଇଛି । ଫଳରେ ସାଧାରଣ ଜନତାଙ୍କ ଆକ୍ରୋଶର ଶିକାର ହେବାକୁ ପଡ଼ିଛି ସାଇସୁଧା ମୋଟରକୁ । ରାସ୍ତା ଉପରେ ବେଆଇନ ପାର୍କିଂ ବନ୍ଦ କରିବାକୁ ପୁଲିସ ଉପରେ ମଧ୍ୟ ଅସନ୍ତୋଷ ଜାହିର କରିଛନ୍ତି ସ୍ଥାନୀୟ ଜନତା ।

ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଥାନା ଜଗନ୍ନାଥପୁର ଗ୍ରାମର ବଂଶୀଧର ସ୍ୱାଇଁଙ୍କ ପୁଅ ଚନ୍ଦନ ସ୍ୱାଇଁ (୩୭) ଭୁବନେଶ୍ୱର ଅମନ ଇଣ୍ଡିଆର ସହ-ମ୍ୟାନେଜର ଭାବେ କାର୍ଯ୍ୟରତ । ସେ ବାଇକ୍ ଯୋଗେ ଯାଜପୁରରୋଡ୍‌ରୁ ପାଣିକୋଇଲି ଅଭିମୁଖେ ଆସୁଥିଲେ । ସାଇସୁଧା ମୋଟର ଆଗରେ ବେଆଇନ ପାର୍କିଂ କରିଥିବା ଏକ ହାଇୱା ହଠାତ୍ ଡୋର ଖୋଲି ଦେବାରୁ ଚନ୍ଦନ ପିଟି ହୋଇ ଛିଟିକି ପଡ଼ିଥିଲେ । ଏହି ସମୟରେ ପଛପଟୁ ଆସୁଥିବା ଏକ ଲୁହା ବୋଝେଇ ଟ୍ରକ୍ ତାଙ୍କ ମୁଣ୍ଡ ଉପରେ ଚଢିଯାଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଦୁର୍ଘଟଣାଗ୍ରସ୍ତ ଟ୍ରକ୍, ହାଇୱା ଓ ବାଇକ୍‌କୁ ପୁଲିସ ଜବତ କରିଛି । ସାଇସୁଧା ମୋଟର ଉପରେ ଦୁର୍ଘଟଣା ପାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ରାସ୍ତା ଉପରେ ବେଆଇନ ପାର୍କିଂ ବନ୍ଦ କରିବାକୁ ସାଧାରଣରେ ଦାବି ହୋଇଛି ।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

**ଧର୍ମଶାଳା, ୮ ।୧୨(ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ନେଉଳପୁର ରେଲୱେ ଓଭରବ୍ରିଜ୍ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି । ସୂଚନାନୁଯାୟୀ, ଜେନାପୁର ଥାନା ମହିସରା ପଞ୍ଚାୟତ ପାରିକ୍ଷେତ ଗ୍ରାମର ବାବୁଲି ଦେହୁରୀ(୫୫) ଓ ଡଙ୍କାରୀ ଗ୍ରାମର କୁଶ ଦାସ(୫୬) ଜାରକା ପଟୁ ଚଣ୍ଡିଖୋଲ ଆଡ଼କୁ ରଙ୍ଗ୍ ରୁଟରେ ଯାଉଥିବା ସମୟରେ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା । ସେହି ସମୟରେ କଟକରୁ ଆସୁଥିବା ଏକ ଆମ୍ବୁଲାନ୍ସ ସେମାନଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଡାକ୍ତର ସେଠାରେ କୁଶଙ୍କୁ ମୃତ ଘୋଷଣା କରିଥିବା ବେଳେ ବାବୁଲିଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛି । ଧର୍ମଶାଳା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି ।

### ସୁକିନ୍ଦା ଥାନା ଅଞ୍ଚଳରେ କ୍ରମାଗତ ଚୋରି

## ମାମଲା ରୁଜୁ କରି ଚୁପ୍ ବସିଛି ପୁଲିସ

**ସୁକିନ୍ଦା, ୮ ।୧୨(ସମିସ):** ସୁକିନ୍ଦା ଥାନା ଅଞ୍ଚଳ ଲୁଟେରାଙ୍କ ଚରାଭୂଇଁ ପାଲଟିଥିବା ଚର୍ଚ୍ଚା ଜୋର ଧରିଛି । କିଛି ମାସ ହେବ ଏହି ଅଞ୍ଚଳରେ ଦୈନିକ ଲୁଟ୍ ଘଟଣା ଘଟୁଥିବାବେଳେ କୌଣସି ଘଟଣାରେ ପୁଲିସକୁ ସଫଳତା ନ ମିଳିବା ସ୍ଥାନୀୟ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ଥାନା ଅନ୍ତର୍ଗତ ନୂଆଜାମୁପଶି ଗ୍ରାମର କରୁଣାକର ନାୟକଙ୍କ ଘରୁ ଗତ ୧୫ ଦିନ ମଧ୍ୟରେ ଦୁଇଥର ଲୁଟ୍ ଘଟଣା ସାଧାରଣରେ ଆତଙ୍କ ସୃଷ୍ଟି କରିଛି । ଗତ ୨୨ ତାରିଖ ରାତିରେ କରୁଣାକରଙ୍କ ଘରୁ ଲୁଟ୍ ହୋଇଥିବାବେଳେ ଗତ ଗୁରୁବାର ବିଳମ୍ବିତ ରାତିରେ ପୁଣିଥରେ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି ।

ସୂଚନା ମୁତାବକ, କରୁଣାକର ନାୟକ ଗୁରୁବାର ଦିନ ତାଙ୍କର ସମ୍ପର୍କୀୟଙ୍କ ବାହାଘର କାର୍ଯ୍ୟରେ ଯାଇଥିଲେ । ଘରେ କେହି ନ ଥିବା ସୁଯୋଗ ନେଇ ଲୁଟେରା ରାତିରେ ଘର ତାଲା ଭାଙ୍ଗି ବିଭିନ୍ନ ସାମଗ୍ରୀ ସହ ଟଙ୍କା ଲୁଟ୍ କରିଥିବା ଅଭିଯୋଗ ହୋଇଛି । କରୁଣାକର ଶୁକ୍ରବାର ଦିନ ସକାଳୁ ଘରେ ପହଞ୍ଚିବା ପରେ କବାଟ ଖୋଲାଥିବା ଦେଖି ଲୁଟ୍ ହୋଇଥିବା ଜାଣିବାକୁ ପାଇଥିଲେ । କରୁଣାକର ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି । ସୁକିନ୍ଦା ଥାନା ଅଞ୍ଚଳରେ କିଛି ମାସ ହେବ ଲଗାତାର ଲୁଟ୍ ଘଟଣା ଘଟୁଥିଲେ ମଧ୍ୟ ପୁଲିସ କେବଳ ମାମଲା ରୁଜୁ କରି ନାମକୁ ମାତ୍ର କିଛି ତଦନ୍ତ କରିବା ପରେ ଚୁପ୍ ହୋଇ ବସିରହିବା ଲୁଟେରାଙ୍କୁ ନୂଆ ଲୁଟ୍ ପାଇଁ ଖୋରାକ ଯୋଗାଉଥିବା କୁହାଯାଉଛି । ଦୈନିକ ଅନେକ ଲୁଟ୍ ଘଟିବା ପରେ ମଧ୍ୟ ପୁଲିସର ନିରବତା ସାଧାରଣ ଲୋକଙ୍କ ଚିନ୍ତାର କାରଣ ହୋଇଛି ।

## ଫେଂକର କମ୍ପାନୀର ଉତ୍ପାଦନ ବୃଦ୍ଧି ନେଇ ଜନଶୁଣାଣି




**କାଳିଆପାଣି, ୮ ।୧୨(ସମିସ):** କାଳିଆପାଣି ପଞ୍ଚାୟତ (ଗୁରୁଜାଙ୍ଗ) ସ୍ଥିତ ଫେଂକର କମ୍ପାନୀ ଓସ୍ତପାଳ ଖଣିର ବାର୍ଷିକ ଖଣିଜ ଉତ୍ପାଦନ ବୃଦ୍ଧି ଲାଗି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ପକ୍ଷରୁ ଶୁକ୍ରବାରଦିନ ଜନଶୁଣାଣି ଓସ୍ତପାଳ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା । ଓସ୍ତପାଳ ଖଣିରୁ ଖଣିଜ ଉତ୍ପାଦନ ବାର୍ଷିକ ୦.୨୪ ନିୟୁତ ଟନ୍‌ରୁ ବାର୍ଷିକ ୧.୫ ଟନ୍‌କୁ ବୃଦ୍ଧିକରି ସର୍ବୋଚ୍ଚ ବାର୍ଷିକ ୨.୫ ନିୟୁତ ଟନ୍ ଖନନ କରିବା ସହିତ ଏକ ନୂତନ କ୍ରସର ଏବଂ ସିଓବି ପ୍ରକଳ୍ପ ପ୍ରତିଷ୍ଠା କରି କ୍ରୋମ ଖଣିଜ ଉତ୍ପାଦନ ବାର୍ଷିକ ୦.୧ ଏମପିଟିଏରୁ ୦. ୮ ଏମପିଟିଏକୁ ବୃଦ୍ଧି କରିବା ଏବଂ ଓସ୍ତପାଳ କ୍ରୋମାଇଟ ଖଣିଠାରେ (୭୨.୮୪୩ ହେକ୍ଟର )ଏକ ବ୍ୟାକଫିଲ ପ୍ରକଳ୍ପ ପ୍ରତିଷ୍ଠା ଲାଗି ପରିବେଶ ସମ୍ବନ୍ଧିୟ ଜନଶୁଣାଣି ହୋଇଥିଲା । ଖଣି ଅଞ୍ଚଳର ସମସ୍ତ ପଞ୍ଚାୟତରୁ ଶତାଧିକ ବ୍ୟକ୍ତି ଯୋଗଦେଇଥିଲେ । ମୁଖ୍ୟତଃ ଗୁରୁଜାଙ୍ଗ ଗ୍ରାମର ଲୋକମାନେ ଜନଶୁଣାଣିକୁ ସମର୍ଥନ କରି କିଛି ଦାବି ମଧ୍ୟ ରଖିଥିଲେ । ଓସ୍ଥପାଳ ଗ୍ରାମର ତେବେ କାଙ୍କଡ଼ପାଳ ଗ୍ରାମର ପ୍ରଭାତ ପ୍ରଧାନ ଜନଶୁଣାଣିକୁ ସମର୍ଥନ ଜଣାଇ ଖଣି ଅଞ୍ଚଳରେ ପରିବେଶ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ସାଙ୍ଗକୁ କୃଷି କାର୍ଯ୍ୟ ଲାଗି ଉଠାଜଳ ସେଚନ କରିବାପାଇଁ କମ୍ପାନୀ ନିକଟରେ ଦାବି ରଖିଥିଲେ । ସେ କହିଥିଲେ ଗତଥର ଜନଶୁଣାଣିରେ କମ୍ପାନୀ ପକ୍ଷରୁ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା ତାହାକୁ ପୂରଣ କରିବା ସହିତ ରଗଡା ଡ୍ୟାମ ରୁ ଉଠା ଜଳସେଚନ ଜରିଆରେ ଚିଙ୍ଗୁଡ଼ିପାଳ, କାଳିଆପାଣି ଓ କଂସ ପଞ୍ଚାୟତରେ ଚାଷୀଙ୍କୁ ଜଳଯୋଗାଇ ଦେବାକୁ ଦାବି କରିଥିଲେ । ଏହି ଜନଶୁଣାଣିକୁ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, କଳିଙ୍ଗନଗର ଆଞ୍ଚଳିକ ପରିବେଶ ପ୍ରଦୂଷଣ ବୋର୍ଡର ଅଧ୍ୟକ୍ଷ ପ୍ରମୋଦ କୁମାର ବେହେରା ପରିଚାଳନା କରିଥିଲେ ।କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ସମେତ କାଳିଆପାଣି ପୁଲିସ୍, ଟମକା ପୁଲିସ ଏବଂ ସୁକିନ୍ଦା ପୁଲିସ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ସୁକିନ୍ଦା ତହସିଲଦାର ଦମୟନ୍ତୀ ବେହେରା ଏବଂ ଓଡ଼ିଶା ପରିବେଶ ପ୍ରଦୂଷଣ ବୋର୍ଡର କର୍ମଚାରୀଗଣ ଉପସ୍ଥିତ ଥିଲେ ।

## ଖରସ୍ରୋତା ପୁସ୍ତକ ମେଳା ପ୍ରସ୍ତୁତି ବୈଠକ

**ସିଂହପୁର, ୮ ।୧୨(ସମିସ):** ଖରସ୍ରୋତା ସଚେତନ ନାଗରିକ ମଞ୍ଚ ବିଂଝାରପୁର ସଭାପତି ପଦ୍ମାକର ଗୁରୁଙ୍କ ଅଧ୍ୟକ୍ଷତାରେ ଫତେପୁର ପଞ୍ଚାୟତ ମଳିଆ ଯଜ୍ଞ ପଡ଼ିଆଠାରେ ଆସନ୍ତା୨୩, ୨୪ ଓ ୨୫ତାରିଖ ତିନି ଦିନ ବ୍ୟାପୀ ପୁସ୍ତକ ମେଳା ଆୟୋଜିତ ହେବ । ଏଥିଲାଗି ପ୍ରସ୍ତୁତି ବୈଠକରେ ସମୁଦାୟ ୬ଟି ଅଧିବେଶନ ସହ ବିଭିନ୍ନ ସାଂସ୍କୃତିକ, ସାରସ୍ୱତ ଓ ବୌଦ୍ଧିକ ଆଲୋଚନା ପ୍ରତ୍ୟହ ଆୟୋଜନ କରିବାକୁ ନିଷ୍ପତି ନିଆଯାଇଛି । ଖରସ୍ରୋତା ଅବବାହିକାରେ ସୁନାମ ଅର୍ଜନ କବି, ସାହିତ୍ୟିକ, ପ୍ରାବନ୍ଧିକ, ଲେଖକ, କବୟିତ୍ରୀ, ସ୍ତମ୍ଭକାରମାନଙ୍କ ର ଲିଖିତ ପୁସ୍ତକକୁ ଉଦୟଭାନୁ ସାହିତ୍ୟ ସଂସଦ ଷ୍ଟଲ୍‌ରେ ପ୍ରଦର୍ଶିତ କରିବାକୁ ନିଷ୍ପତି ନିଆଯାଇଛି । ଅଞ୍ଚଳର କୃତୀ ସାହିତ୍ୟିକମାନେ ଚାହିଁଲେ ସେମାନଙ୍କର ପୁସ୍ତକ ଲୋକାର୍ପଣ କରିବାର ସୁଯୋଗ ସୃଷ୍ଟି କରିବାକୁ ନିଷ୍ପତି ନିଆଯାଇଛି । ଖୁବ୍ ଶୀଘ୍ର ବ୍ଲକ ପ୍ରଶାସନ ସହ ଓ ବ୍ଲକସ୍ତରୀୟ ନେତୃମଣ୍ଡଳୀ, ପୁସ୍ତକ ମେଳା କମିଟିର ମିଳିତ ଉଦ୍ୟମରେ ବୈଠକ ଡ଼କାଯାଇ ପୁସ୍ତକ ମେଳାର ସଫଳତା ନେଇ ବୈଠକ ଆୟୋଜନ କରାଯିବ । ଲାଗି ବିଂଝାରପୁର ପଞ୍ଚାୟତ ସମିତିର ଅଧ୍ୟକ୍ଷାଙ୍କ ସହ ଆଲୋଚନା କରି ସବୁ ବିଭାଗର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବୈଠକରେ ନିଷ୍ପତି ନିଆଯାଇଥଲା । ପ୍ରସ୍ତୁତି ବୈଠକରେ କମିଟିର ମୁଖ୍ୟ ଉପଦେଷ୍ଟା ସୁଶାନ୍ତ କୁମାର ନାୟକ, ଉପଦେଷ୍ଟା ହରେକୃଷ୍ଣ ପଣ୍ଡା, କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ କବି ଜିତେନ୍ଦ୍ର କୁମାର ବେହେରା, ଶିକ୍ଷାବିତ୍ ପ୍ରଦୀପ ଜେନା, ରବୀନ୍ଦ୍ର ସାମଲ, ପ୍ରଧାପକ ଚତୁର୍ଭୁଜ ସାହୁ, ସାଂଗଠନିକ ସମ୍ପାଦକ ନାରାୟଣ ଚନ୍ଦ୍ର ଦାସ, ଉପଦେଷ୍ଟା ସଚିଦାନନ୍ଦ ଗୁରୁ, ଉପସଭାପତି ନିଖିଳ ସାମଲ, ଶିକ୍ଷାବିତ୍ ବନମାଳୀ ପତି, ଅର୍ଜୁନ ଚରଣ ରାଉତ, ସୁବାସ ଚନ୍ଦ୍ର ସ୍ୱାଇଁ, ପୁରୁଷୋତ୍ତମ ବେହେରା, ଭାରତ ଭୂଷଣ ମଲ୍ଲିକ, ନିରଞ୍ଜନ ପାତ୍ର, ବ୍ରଜ ସାମଲ, ଶିକ୍ଷାବିତ୍ ଶ୍ରୀଧର ସାହୁ, ଅକ୍ଷୟ କୁମାର ସେଠୀ, ବ୍ରଜ ପରିଡ଼ା, ମହେନ୍ଦ୍ର ବାରିକ, ଫକୀର ପଣ୍ଡା ପ୍ରମୁଖଙ୍କ ସମେତ ଶତାଧିକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।



## ୧୦ରେ ଚଣ୍ଡିଖୋଲକୁ ଜିଲ୍ଲା ମାନ୍ୟତା ଦାବିରେ ବୈଠକ

**ବଡ଼ଚଣା, ୮ ।୧୨ (ସମିସ):** ବିଗତ ଚାରି ଦଶନ୍ଧି ଧରି ବଡ଼ଚଣା ଅଞ୍ଚଳବାସୀ ଚଣ୍ଡିଖୋଲକୁ ଜିଲ୍ଲା ମାନ୍ୟତା ପାଇଁ ଦାବି ଓ ଆନ୍ଦୋଳନ କରିଆସୁଛନ୍ତି । ଏଥିପାଇଁ ପୂର୍ବରୁ ଅନେକଥର ଆନ୍ଦୋଳନ କରାଯିବା ସହିତ ଗଣଧାରଣା ଦିଆଯାଇଥିଲା । କିନ୍ତୁ ଏହାର କୌଣସି ସୁଫଳ ନ ମିଳିବାରୁ ପୁଣି ଆଉଏକ ଆନ୍ଦୋଳନ କଂଗ୍ରେସ ପକ୍ଷରୁ ହେବାକୁ ଯାଉଥିବା ଜଣାପଡ଼ିଛି । ବଡ଼ଚଣା ବ୍ଲକର ଛତିଆ, ବାଲିଚନ୍ଦ୍ରପୁର, ବାଲିକୁଦା ଓ ଚଣ୍ଡିଖୋଲଠାରେ ପ୍ରତିବାଦ କରାଯାଇ ବଡ଼ଚଣା ବନ୍ଦ ଡକରା ଦିଆଯିବା ନେଇ ସୂଚନା ମିଳିଛି । ଏ ନେଇ ଆସନ୍ତା ୧୦ ତାରିଖରେ ଏକ ପ୍ରସ୍ତୁତି ବୈଠକ ଡକାଯାଇଥିବା ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ଜେନା ସୂଚନା ଦେଇଛନ୍ତି ।

୧୯୭୩ରେ ଜଷ୍ଟିସ ରାଜକିଶୋର ଦାସଙ୍କ ନେତୃତ୍ୱରେ ଉତ୍ତର କଟକ କିମ୍ବା ଚଣ୍ଡିଖୋଲକୁ ଜିଲ୍ଲା ମାନ୍ୟତା ପାଇଁ ଅନୁକୂଳ ପରିବେଶ ଥିବା ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲା । ପରବର୍ତ୍ତୀ ସମୟରେ ୧୯୯୩ରେ ୧୩ରୁ ୩୦ ଜିଲ୍ଲା ଘୋଷଣା କରାଯାଇଥିଲେ ମଧ୍ୟ ଉତ୍ତର କଟକ କିମ୍ବା ଚଣ୍ଡିଖୋଲକୁ ବାଦ୍ ଦିଆଯାଇଥିଲା । ସେତେବେଳେ ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର ଚଣ୍ଡିଖୋଲକୁ ଜିଲ୍ଲା ମାନ୍ୟତା ନ ମିଳିବାରୁ ବା ଚଣ୍ଡିଖୋଲଠାରେ ଉତ୍ତର କଟକ ଜିଲ୍ଲା ନ ହେବାରୁ ବଡ଼ଚଣାରେ ଜନଆନ୍ଦୋଳନ ସୃଷ୍ଟି କରିଥିଲେ ।

ଚଣ୍ଡିଖୋଲ ଜିଲ୍ଲା ହେବା ପାଇଁ ଯେଉଁ ଭିତ୍ତିଭୂମିର ଆବଶ୍ୟକତା ଥାଏ, ତାହା ଚଣ୍ଡିଖୋଲ ପୂରଣ କରୁଛି । ସମସ୍ତ ପୂରଣ କରୁଥିବାବେଳେ ଚଣ୍ଡିଖୋଲକୁ କାହିଁକି ଜିଲ୍ଲାର ମାନ୍ୟତା ନ ମିଳିବ, ଏଥିନିମନ୍ତେ ବଡ଼ଚଣା କଂଗ୍ରେସ ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ବଡ଼ଚଣାରେ ଏକ ବିଶାଳ ଜନଆନ୍ଦୋଳନ କରାଯିବା ନେଇ ସୂଚନା ମିଳିଛି । ଯେଉଁଥିରେ ବଡଚଣାର ସମସ୍ତ ବର୍ଗର ଲୋକେ ସମର୍ଥନ ଦେବେ ବୋଲି ଜଣାପଡ଼ିଛି ।

### ଅଭିଯୋଗ କରିବାକୁ ଯାଇ ମହିଳା ୬ ଘଣ୍ଟା ଥାନାରେ ଅଟକ ମାମଲା

## ମାନବାଧିକାର ଆୟୋଗ ପକ୍ଷରୁ ମାମଲା ରୁଜୁ

**ଦଶରଥପୁର, ୮।୧୨(ସମିସ):** ମଙ୍ଗଳପୁର ଥାନାକୁ ଗତ ଅକ୍ଟୋବର ୨୬ ତାରିଖ ଦିନ ଅଭିଯୋଗ କରିବାକୁ ଯାଇଥିବା ବିଞ୍ଝାରପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଳଟପୁର ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମର ସଞ୍ଜୀତା ମଲ୍ଲିକଙ୍କୁ ଥାନାଧିକାରିଣୀ ଚିନ୍ମୟୀ ସାହୁ ଦୀର୍ଘ ୬ ଘଣ୍ଟା ଅଟକ ରଖିଥିଲେ । ଏହାର ପ୍ରତିବାଦରେ ନଭେମ୍ବର ୧୪ ତାରିଖରେ ଥାନାଧିକାରିଣୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିଲା । ଏଣୁ ଭୁବନେଶ୍ୱରସ୍ଥ ରାଜ୍ୟ ମହିଳା କମିଶନ ଓ ରାଜ୍ୟ ମାନବାଧିକାର ଆୟୋଗକୁ ଏକ ଦାବିପତ୍ରରେ ନିର୍ଯାତିତ ମହିଳା ଓ ସାମ୍ବାଦିକ ଚନ୍ଦ୍ରଶେଖର ସାହୁଙ୍କ ନାମରେ ବାରମ୍ବାର ମିଥ୍ୟା ମାମଲା କରାଯାଉଥିବାରୁ ମଙ୍ଗଳପୁର ଥାନା ଅଧିକାରିଣୀ ଚିନ୍ମୟୀ ସାହୁଙ୍କ ନାମରେ ଅଭିଯୋଗ କରାଯାଇଥିଲା । ଅଭିଯୋଗ ପରେ ମାନବାଧିକାର କାର୍ଯ୍ୟାଳୟ ପକ୍ଷରୁ ନଭେମ୍ବର ୧୫ ତାରିଖ ଦିନ ୩ଟି ଭିନ୍ନ ଭିନ୍ନ ମାମଲା ରୁଜୁ କରାଯାଇଛି ।

### ଟାଟା ଷ୍ଟିଲ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

## ୨୨୦ରୁ ଅଧିକ ଠିକା କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ଦାନଗଦି, ୮ ।୧୨(ସମିସ):** ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) ର ୟୁଟିଲିଟି ଆଣ୍ଡ ପାୱାର ସିଷ୍ଟମ ବିଭାଗରେ ଠିକା ଶ୍ରମିକଙ୍କ ପାଇଁ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଟିଏସ୍‌କେର ଏଗ୍ଲୋମେରେଟ୍ସ ବିଭାଗ ମୁଖ୍ୟ ୱାଇଜିଏସ ପ୍ରସାଦ, ଟିଏସ୍‌କେର ଏଚ୍‌ଆରବିପି ବିଭାଗ ମୁଖ୍ୟ ଯଶୱନ୍ତ ପାଣ୍ଡେ, ଟିଏସ୍‌କେର ୟୁଟିଲିଟି ଆଣ୍ଡ ପିଏସ୍ ବିଭାଗ ମୁଖ୍ୟ ପ୍ରଦୀପ ଚକ୍ରବର୍ତ୍ତୀ ଓ ଟିଏସ୍‌କେ ୱାର୍କର୍ସ ୟୁନିଅନର ସଭାପତି ରବୀନ୍ଦ୍ର ଜାମୁଦା ମିଳିତ ଭାବେ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟିଏସ୍‌କେ ଓ ଟିଏସ୍‌କେ ଶ୍ରମିକ ସଂଘର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଟାଟା ଷ୍ଟିଲ୍ କଳିଙ୍ଗନଗରର ୟୁଟିଲିଟି ଆଣ୍ଡ ପିଏସ୍ ବିଭାଗ ସହଯୋଗରେ ଅକ୍ୟୁପେସନାଲ ହେଲଥ୍ ସର୍ଭିସେସ୍ (ଓଏଚ୍‌ଏସ୍), ଟିଏସ୍‌କେ ପକ୍ଷରୁ ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରରେ ୨୨୦ରୁ ଅଧିକ ଠିକା କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏହି ଶିବିରରେ ରୋଗ ନିର୍ଣ୍ଣୟ ଓ ଜୀବନଶୈଳୀ ସଂଶୋଧନ ପରାମର୍ଶ ସହିତ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ଉପରେ ସୂଚନାମୂଳକ ଅଧିବେଶନ ଅନୁଷ୍ଠିତ ହୋଇଥିଲା ।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

## ପତ୍ନୀଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ଅଭିଯୋଗ

**ସୁକିନ୍ଦା, ୮ ।୧୨(ସମିସ):** ସୁକିନ୍ଦା ଥାନା ଅଞ୍ଚଳର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ଧୀରେ ଧୀରେ ଜଟିଳ ହେବାକୁ ଯାଉଥିବା ଦେଖିବାକୁ ମିଳିଛି । ମୃତକ ଜଣକ ସୁକିନ୍ଦା ଥାନା ଅଧୀନ ପୁରୁଣାପାଣି ଗ୍ରାମର ପ୍ରହଲ୍ଲାଦ ନାୟକ(୪୪) ବୋଲି ଜଣାପଡ଼ିଛି । ମୃତ ପ୍ରହଲ୍ଲାଦ ଗତ ବୁଧବାର ସନ୍ଧ୍ୟାରେ ଆମ୍ପଲବା ଯାଇ ଫେରି ନ ଥିଲେ । ଗୁରୁବାର ସକାଳେ ସୁକିନ୍ଦା-ହାତିବାରୀ ରାସ୍ତାର ଆମ୍ପଲବା ନିକଟ ରାସ୍ତା କଡ଼ରେ ଜଣେ ଯୁବକ ପଡ଼ିରହିଥିବା ଖବର ପାଇ ଆମ୍ବୁଲାନ୍ସ କର୍ମଚାରୀ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରହଲ୍ଲାଦଙ୍କ ମୃତ୍ୟୁ ଘଟିଥିଲା । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରହଲ୍ଲାଦଙ୍କ ମୃତଦେହ ପରିବାରକୁ ହସ୍ତାନ୍ତର କରିବା ପରେ ପରିବାର ପକ୍ଷରୁ ମୃତଦେହକୁ ନେଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ଏଭଳି ଏକ ମୃତ୍ୟୁ ଘଟଣାରେ ମୃତଦେହ ବ୍ୟବଚ୍ଛେଦ ନ କରି ଛାଡ଼ିଦେବା ଘଟଣାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । ପ୍ରହଲ୍ଲାଦ ପଡ଼ିଥିବା ସ୍ଥାନରେ ତାଙ୍କ ସାଇକଲ ଭାଙ୍ଗିପଡ଼ିଥିବା ଘଟଣାକୁ ନେଇ ଏହା ଦୁର୍ଘଟଣାଜନିତ ମୃତ୍ୟୁ ବୋଲି ପତ୍ନୀ ଗୀତା ନାୟକ(୪୦) ଅଭିଯୋଗ କରିଛନ୍ତି । କୌଣସି ଅଜଣା ଗାଡ଼ି ବୁଧବାର ରାତିରେ ପ୍ରହଲ୍ଲାଦଙ୍କୁ ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଥିବା ସହ ରାତିସାରା ପ୍ରବଳ ଥଣ୍ଡାରେ ପଡ଼ିରହି ପ୍ରହଲ୍ଲାଦ ଗୁରୁତର ହୋଇଥିବା ହିଁ ମୃତ୍ୟୁର କାରଣ ବୋଲି ଗୀତା ଅଭିଯୋଗ କରିଛନ୍ତି ।

ତେବେ ଏଭଳି ଘଟଣାରେ ମୃତଦେହ ବ୍ୟବଚ୍ଛେଦ ନ କରି ସ୍ୱାସ୍ଥ୍ୟକେନ୍ଦ୍ରରୁ ଛାଡ଼ିଦେବା ଓ ପୁଲିସ ନିକଟରେ ଏହି ଘଟଣାର ସୂଚନା ଥାଇ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ଘଟଣାକୁ ସନ୍ଦେହ ଭିତରକୁ ଠେଲି ଦେଇଛି । ମୃତଦେହର ବ୍ୟବଚ୍ଛେଦ କରିବା ସହ ପୁଲିସ ଘଟଣାର ତଦନ୍ତ କଲେ ପ୍ରହଲ୍ଲାଦଙ୍କ ମୃତ୍ୟୁର ପ୍ରକୃତ ରହସ୍ୟ ଉନ୍ମୋଚନ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି । ସ୍ୱାମୀଙ୍କ ମୃତ୍ୟୁକୁ ନେଇ ସନ୍ଦେହରେ ଥିବା ଗୀତା ଏହି ଘଟଣାର ତଦନ୍ତ କରିବା ସହ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଦାବି କରିଛନ୍ତି । ସମ୍ପୃକ୍ତ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ଖବର ପାଇ ସୁକିନ୍ଦା ତହସିଲଦାର ଦମୟନ୍ତୀ ସାହୁ ସହଯୋଗ ଯୋଗାଇ ଦେଇଥିବା ଜଣାପଡ଼ିଛି ।

### କବୟିତ୍ରୀ ରୀନା ମହାପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ

## ‘କବିର ମୃତ୍ୟୁନାହିଁ, ସେ ଅମର’

**ବ୍ୟାସନଗର, ୮ ।୧୨(ସମିସ)**

କବୟିତ୍ରୀ ତଥା ଅଧାପିକା ସ୍ୱର୍ଗତା ରୀନା ମହାପାତ୍ରଙ୍କ ଦ୍ୱିତୀୟ ବାର୍ଷିକ ଶ୍ରାଦ୍ଧ ଉତ୍ସବ ଓ ସ୍ମରଣିକା ଲୋକାର୍ପଣ ଶୁକ୍ରବାର ବ୍ୟାସନଗର ସହରସ୍ଥ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସାହିତ୍ୟିକ ଡ. ସୂର୍ଯ୍ୟମଣି ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଜିଲ୍ଲା ଲେଖକ ସମ୍ମେଳନର ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ମଞ୍ଚ ଉଦ୍‌ଘାଟନ କରିଥିଲେ । ଏ ଅବସରରେ ଶ୍ରୀ ପୃଷ୍ଟି ନିଜ ଅଭିଭାଷଣରେ କବୟିତ୍ରୀ ରୀନା ମହାପାତ୍ର ପାର୍ଥିବ ଶରୀର ତ୍ୟାଗ କରିଥିଲେ ମଧ୍ୟ ତାଙ୍କର କାଳଜୟୀ ସୃଷ୍ଟି ପାଇଁ ସେ ଅମର । କବିର ମୃତ୍ୟୁ ନାହିଁ, ସେ ଚିର ଅମର ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୋକର୍ଣ୍ଣିକାର ସମ୍ପାଦକ ରମାକାନ୍ତ ଜେନା, ବରିଷ୍ଠ ସାହିତ୍ୟିକ ଇଂ ଅଭୟ ସୂତାର, ସୁଲେଖିକା ଡ. ସୁଚନା ପାଢ଼ୀ, ଗାଳ୍ପିକ ଇଂ ନନ୍ଦ ମହାନ୍ତି ଓ ସମାଜସେବୀ ରତିକାନ୍ତ ବରାଳ ଅତିଥି ଭାବେ ଯୋଗଦାନ କରିଥିଲେ । ଏ ଅବସରରେ ସ୍ମରଣିକା ‘ସ୍ମୃତିରେ ରୀନା ମହାପାତ୍ର’ ଲୋକାର୍ପିତ ହୋଇଥିଲା । ପରେ କବୟିତ୍ରୀ ଲବଙ୍ଗଲତା ପରିଡ଼ା ଓ ସନ୍ଧ୍ୟାରାଣୀ ଘଡ଼ାଇଙ୍କ ସଂଯୋଜନାରେ ସ୍ମୃତି କବିତା ପାଠ ଉତ୍ସବରେ କବି ଯୋଗିନ୍ଦ୍ରନାଥ ସାହୁ, ଅଚ୍ୟୁତାନନ୍ଦ ପାତ୍ର, ପ୍ରଦୀପ ସାମଲ, ସୋମନାଥ ମାଝୀ, ପଣ୍ଡିତ ଅକ୍ଷୟ କୁମାର ଦାଶ, ଜୟନ୍ତୀ ଜେନା, ଅପର୍ଣ୍ଣା ମିଶ୍ର, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ବୃନ୍ଦାବନ ସାହୁ, ସୁବ୍ରତ କୁମାର ଦାଶ, ସୁପ୍ରିୟା ମିଶ୍ର, ନିର୍ମଳ ଚନ୍ଦ୍ର ରାଉତ, ଅକ୍ଷୟ କୁମାର ବାରିକ, ରାମଚନ୍ଦ୍ର ବାରିକ, ମଧୁସୁଦନ ମହାପାତ୍ର, ଶରତ କୁମାର ଦାସ ପ୍ରମୁଖ କବିତାପାଠ କରିଥିଲେ । ଦୟାନିଧି ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ ଓ ଭୁବନ ମୋହନ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ । ପରିଶେଷରେ ସ୍ୱର୍ଗତା ରୀନା ମହାପାତ୍ରଙ୍କ ସ୍ୱାମୀ ଇଂ ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ସକାଳ THE SAKALA



www.sakalaepaper.com

## ଶାନ୍ତିଭଙ୍ଗ ଓ ଦଙ୍ଗା ଆଶଙ୍କା

# ମଦିନା ମୈଦାନ ଅଞ୍ଚଳରେ ୧୪୪ ଧାରା ଜାରି

ଭଦ୍ରକ, ୮ ।୧୨(ସମିସ)

ଭଦ୍ରକ ସହର ପୁରୁଣା ବଜାର ଥାନା ଅଧୀନ ମଦିନା ମୈଦାନ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ମଦିନା ମୈଦାନ ସମ୍ମୁଖରେ ସବିର ଖାଁ ନାମକ ଜଣେ ବ୍ୟକ୍ତି ଏକ ପ୍ରତିବାଦ ସଭା କରିବାକୁ ଆବେଦନ କରିଥିଲେ। ତେବେ ଏହି ପ୍ରତିବାଦ ସଭା ଅନୁଷ୍ଠିତ ହେଲେ ସଂପୃକ୍ତ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ଶାନ୍ତିଭଙ୍ଗ ହେବା ସହ ଦଙ୍ଗା ହେବା ଆଶଙ୍କାରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଲାଗୁ କରାଯାଇଛି। ଏହା ସହିତ ହତ୍ୟା, ଦଙ୍ଗା ଓ ସାଧାରଣ ଜନତାଙ୍କ ଧନଜୀବନ ବିପନ୍ନ ହେବାର ଯଥେଷ୍ଟ



## ● ୯ ତାରିଖ ସନ୍ଧ୍ୟା ଯାଏଁ ବଳବତ୍ତର

ସମ୍ଭାବନା ଥିବା ନେଇ ଭଦ୍ରକ ମୁସଲିମ ଜମାତର କାର୍ଯ୍ୟକର୍ତ୍ତା ଓ ସଭ୍ୟମାନଙ୍କ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ଭଦ୍ରକ ଉପଜିଲ୍ଲାପାଳ ମନୋଜ ପାତ୍ର ତାଙ୍କ ଆଦେଶ ସଂଖ୍ୟା-୩୮୬୦ ମୂଳେ ଶୁକ୍ରବାର ପୂର୍ବାହ୍ନ ୧୧ଟାରୁ ଆସନ୍ତା ୯ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ମଦିନା ମୈଦାନ ଓ ଏହାର ୨ଶହ ମିଟର ବ୍ୟାସାର୍ଦ୍ଧ ଅଞ୍ଚଳରେ ୧୪୪ ଧାରା କରିଛନ୍ତି। ଏହି ଆଦେଶକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ପୁରୁଣା ବଜାର ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦେବା ସହ ଏନେଇ ଜିଲ୍ଲାପାଳ, ଏସ୍‌ପି, ଡିଆଇବି ଡିଏସ୍‌ପି, ଏସଡିପିଓ, ସିଟି ଡିଏସ୍‌ପି, ଭଦ୍ରକ ତହସିଲଦାର, ଡିଆଇପିଆରଓ ଓ ଭଦ୍ରକ ପୌର ନିର୍ବାହୀ ଅଧିକାରୀଙ୍କୁ ସୂଚନା ପ୍ରଦାନ କରିଛନ୍ତି। ୧୪୪ଧାରା ଜାରି ହେବା ପରେ ମଦିନା ମୈଦାନ ସମ୍ମୁଖ ଓ ଆଖପାଖ ଅଞ୍ଚଳରେ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି ଓ କୌଣସି ଜନସମାଗମ ହେବାକୁ ପୋଲିସ ଦେଉନଥିବା ପରିଲକ୍ଷିତ ହୋଇଛି। ସେହିଭଳି ୧୪୪ଧାରା ଜାରି ହେବା ଫଳରେ ଜନଗହଳି ପୂର୍ଣ୍ଣ ପୁରୁଣା ବଜାର ଅଞ୍ଚଳରେ ଖାଁ ଖାଁ ସ୍ଥିତି ଦେଖାଦେଇଛି।

## ● ରାସେଶ୍ୱରୀ ଦେବେଶ୍ୱରୀ ବେଦେଶ୍ୱରୀ ରାଧାରାଣୀଙ୍କ ବିବାହ ଉତ୍ସବ

# ୮ ବର୍ଷ ହେବ ପାଳିତ ହେଉଛି ରାଧାକୃଷ୍ଣ ବିବାହ

**ଭଦ୍ରକ, ୮।୧୨(ସମିସ):** ଭଦ୍ରକ ସହର ଚନ୍ଦନବଜାରସ୍ଥିତ ବାବା ରାମଦାସଙ୍କ ଆଶ୍ରମରେ ଭାରତୀୟ ପ୍ରାଚୀନ ସଂସ୍କୃତି ଉପରେ ଆଧାରିତ ରାଧାରାଣୀ ଓ ଭଗବାନ ଶ୍ରୀକୃଷ୍ଣଙ୍କର ବିବାହ ଉତ୍ସବ ସନ୍ଥ ସନ୍ୟାସୀ ପ୍ରାଜ୍ଞ ପୁରୁଷ ମୁକୁନ୍ଦକୃଷ୍ଣ ମହାରାଜଙ୍କ ଅଧ୍ୟକ୍ଷତାରେ ଗତ ୧ରୁ ୭ତାରିଖ ପର୍ଯ୍ୟନ୍ତ ଆଧ୍ୟାତ୍ମିକ ପରିବେଶରେ ଭାଗବତ ଆଲୋଚନା ସହ ଓ ଦେଶ ଓ ରାଜ୍ୟ ବାହାରର ସନ୍ଥ-ସାଧୁ-ମହନ୍ତ ମାନଙ୍କ ଉପସ୍ଥିତିରେ ପାଳିତ ହୋଇଯାଇଛି। ଶେଷ ଦିବସରେ ରାସେଶ୍ୱରୀ ରାଧାରାଣୀଙ୍କ ବିବାହ ପରମେଶ୍ୱର ବ୍ରହ୍ମାଣ୍ଡ ଠାକୁର ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତିମୂର୍ତ୍ତିର ବିବାହ ଉତ୍ସବ ଯଥାବିଧି ଶାସ୍ତ୍ରାନୁଯାୟୀ ବହୁ ଆଡମ୍ବରରେ ସମ୍ପର୍ଣ୍ଣ ହୋଇଛି। ଓଡ଼ିଶାର ପ୍ରଥମ ରାଧାକୃଷ୍ଣ ବିବାହ ଉତ୍ସବ ବିଗତ ୮ବର୍ଷ ଧରି ଅବ୍ୟାହତ ଭାବେ ପାଳନ




କରାଯାଉଛି। ବଦ୍ଧେଶ୍ୱର ରାମଦାସ ମହାରାଜଙ୍କ କୃପାପାତ୍ର ଶିଷ୍ୟ ସ୍ୱାମୀ ମୁକୁନ୍ଦକୃଷ୍ଣ ଦାସଙ୍କ ଦ୍ୱାରା ଆୟୋଜିତ ଉତ୍ସବରେ ସନ୍ଥସାଧୁ ଜ୍ଞାନୀ ଗୁଣୀଜନଙ୍କ ସମେତ ନୀଳଗିରି ରାଜମହର୍ଷୀ ରାଣୀ ମନୋଜମଞ୍ଜରୀ ଦେବୀ, ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ, ଶ୍ରୀମନ୍ଦରି ପରିଚାଳନା ସମିତି ସଭ୍ୟ ରାମକୃଷ୍ଣ ଦାସ ମହାରାଜ, ପୁରୀ ସିଦ୍ଧବକୁଳ ମଠର ମହନ୍ତ ଶ୍ରୀନିବାସ ଦାସ ମହାରାଜ, ମତିରାମ ମଠ ମହନ୍ତ ଅଭିରାମ ଦାସ, ଚେନ୍ନାଇର ସନ୍ଥ ଶ୍ରଦ୍ଧାନନ୍ଦ ମହାରାଜ ଉପସ୍ଥିତ ଥାଇ ପୁରାଣ ବର୍ଣ୍ଣିତ ଅନୁଷ୍ଠାନଟିକୁ ମହାସମାରୋହରେ ବର୍ଣ୍ଣାଢ଼୍ୟ ପରିବେଶରେ ହଜାର ହଜାର ଶ୍ରୋତା ତଥା ଦର୍ଶକଙ୍କ ଗହଣରେ ପରିବେଷଣ କରାଯାଇଥିଲା। ଉତ୍ସବରେ ସମାଜସେବୀ ରମେଶଚନ୍ଦ୍ର ମହାୱରଙ୍କୁ ସମାଜ ସେବା ପାଇଁ ବେଲା ଅଗ୍ରୱାଲଙ୍କ କାର୍ଯ୍ୟଦକ୍ଷତା ପାଇଁ ଓ ସଂଗଠକ ଭାବେ ଡ.ବାଇଧର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପାଗଳ ବିରାଡ଼ି କାମୁଡ଼ାରେ ୫ ଆହତ

**ଆଗରପଡ଼ା, ୮ ।୧୨(ସମିସ):** ବନ୍ତ ବ୍ଲକ ବଡ଼ମହିଁଷଗୋଠ ପଞ୍ଚାୟତ ଅନ୍ତର୍ଗତ ନରାଜପୁର ଗ୍ରାମ ଛକରେ ଯିଏ ଗଲା ତାକୁ କାମୁଡ଼ିଲା ଏକ ପାଗଳ ବିରାଡ଼ି। ଏଥିରେ ପ୍ରାୟ ୫ଜଣରୁ ଅଧିକ ପଥଚାରୀ ଆହତ ହୋଇ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ନେଇଥିବାର ଜଣାପଡ଼ିଛି। ନରାଜପୁର ଅଙ୍ଗନବାଡ଼ି କେନ୍ଦ୍ର ସହାୟିକା ବାସନ୍ତୀ ଆଚାର୍ଯ୍ୟ, ଗୋଲକ ସୂତାର, ଗିରିଜା ଶଙ୍କର ପଣ୍ଡା, ଅନିରୁଦ୍ଧ ଶତପଥି, ଚକ୍ରଧର ପାଣିଗ୍ରାହୀ ପ୍ରମୁଖ ଆହତ ହୋଇଥିବା ଜଣାପଡ଼ିଛି।

## ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପାଇଁ ପ୍ରସ୍ତୁତି ବୈଠକ

**ମଞ୍ଜୁରୀରୋଡ,୮ ।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନ ପକ୍ଷରୁ ଯୁବ ଓଡ଼ିଶା ନବୀନ ଓଡ଼ିଶା କ୍ରୀଡା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛିଡିଓ ଦେବଦତ୍ତ ଦାଶ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ଅଞ୍ଚଳରୁ ଆସିଥିବା ବିଭିନ୍ନ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକମାନେ ଯୋଗ ଦେଇଥିଲେ। ଆସନ୍ତା ୧୪ ତାରିଖ ଠାରୁ ୨୧ ତାରିଖ ଯାଏଁ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ବୈଠକରେ ସୂଚନା ଦିଆଯାଇଥିଲ। ବିଶେଷ କ୍ରିକେଟ୍, ଭଲି, ଫୁଟ୍‌ବଲ, ଖୋକ, କବାଡି ପ୍ରତିଯୋଗିତା ପାଇଁ ୬୭ ଗୋଟି ଦଳ ନାମ ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ଆୟୋଜିତ ପ୍ରସ୍ତୁତି ବୈଠକରେ କ୍ରିଡା କମିଟି ସଦସ୍ୟ ପଦ୍ମଲୋଚନ ରାଉତ, ସୂଜୟ ଚାନ୍ଦ ବିକ୍ରମ ସାହୁ ପ୍ରମୁଖ ଉପସ୍ଥିତି ରହି ପ୍ରତିଯୋଗିତା ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଥିଲେ।

## ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

**ଭଦ୍ରକ, ୮ ।୧୨(ସମିସ):** ଓଡ଼ିଶା ରାଜ୍ୟ ଶିଶୁ ମଙ୍ଗଳ ପରିଷଦ ଭୁବନେଶ୍ୱର ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ରବିବାର ଜିଲ୍ଲା ସରକାରୀ ବାଳିକା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ଏହି ପ୍ରତିଯୋଗିତା ଉଭୟ ସାଧାରଣ ଓ ସ୍ୱତନ୍ତ୍ର ବର୍ଗର ପିଲାମାନଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ସାଧାରଣ ବର୍ଗ ବା ନର୍ମାଲ ଗ୍ରୁପିଲାକୁ ସାଧାରଣତ ଗ୍ରୀନ୍ (୫ରୁ ୮ ବର୍ଷ), ଧଳା (୯ରୁ ୧୨ ବର୍ଷ) ଓ ନୀଳ (୧୩-୧୬ ବର୍ଷ) ଓ ସ୍ୱତନ୍ତ୍ର ପିଲା ହଳଦିଆ (୫ରୁ ୧୦ ବର୍ଷ) ଓ ଲାଲ ଗ୍ରୁପ (୧୧ ରୁ ୧୮ ବର୍ଷ) ବିଭକ୍ତ କରାଯାଇଛି। ଏହି ସ୍ୱତନ୍ତ୍ର ପିଲାମାନଙ୍କୁ ଯଥାକ୍ରମେ ତିନୋଟି ଉପଗ୍ରୁପରେ ଭାଗ କରାଯାଇଛି। ଯେପରି ମାନସିକ ଅକ୍ଷମ, ଦୃଷ୍ଟିବାଧିତ ଓ ଶୃତି ବାଧିତ ବା ବାକ୍ ବାଧିତ ଏହି ପ୍ରତିଯୋଗିତା ସକାଳ ୯ ଘଟିକା ସମୟରୁ ପଞ୍ଜୀକରଣ କରାଯାଇ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୧୨ ଘଟିକା ମଧ୍ୟରେ ଅନୁଷ୍ଠିତ ହେବ। ସମସ୍ତ ପ୍ରତିଯୋଗୀମାନେ ନିଜର ପରିଚୟ ପତ୍ର ବା ଅକ୍ଷମତାର ପରିଚୟପତ୍ର ସାଙ୍ଗରେ ଆଣିଥିବା ଆବଶ୍ୟକ। ଅନୁଷ୍ଠାନ ପକ୍ଷରୁ ଚିତ୍ରାଙ୍କନ ପାଇଁ ଡ୍ରଇଁ ସିଟ୍ ବା କାଗଜ ବହନ କରିବେ। ସମସ୍ତ ଚିତ୍ରାଙ୍କନ ଉପଯୋଗୀ ରଙ୍ଗ, ଉପକରଣ ସାଥିରେ ଆଣିବା ପାଇଁ ପରାମର୍ଶ ଦିଆଯାଇଛି। ସମସ୍ତ ପ୍ରତିଯୋଗୀମାନଙ୍କର ଉପଯୁକ୍ତ ମୂଲ୍ୟାଙ୍କନ ପରେ ବିଜୟ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ପ୍ରଦାନ କରାଯିବା ସହ ରାଜ୍ୟସ୍ତରକୁ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କ ଚିତ୍ରାଙ୍କନ ପ୍ରେରଣ କରାଯିବ। ଏଣୁ ଭଦ୍ରକ ଜିଲ୍ଲାର ସମସ୍ତ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଭାଗନେଇ ଅଂଶଗ୍ରହଣ କରିବାକୁ ନିବେଦନ କରାଯାଉଛି।

## ଧାମରା ପୋର୍ଟରେ 'ଦୁର୍ଘଟଣା ଜନିତ ମୃତ୍ୟୁଶୂନ୍ୟ ସପ୍ତାହ'

**ଭଦ୍ରକ, ୮ ।୧୨(ସମିସ):** ଦୁର୍ଘଟଣା ଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ଅବସରରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ, ଭଦ୍ରକ) ଓ ଧାମରା ପୋର୍ଟର ମିଳିତ ସହଯୋଗରେ ଦୁର୍ଘଟଣା ଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଆଞ୍ଚଳିକ ପରିବହନ ଅଧିକାରୀ ଖଗେଶ୍ୱର ମୁର୍ମୁ ଏବଂ ପୋର୍ଟର ଉଚ୍ଚପଦସ୍ଥ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଧାମରା ପୋର୍ଟ ପରିସରରେ ଗାଡି ପରିଚାଳକମାନଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ତଥା ସଡକ ସୁରକ୍ଷା ଭିତିକ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରୀ ମୁର୍ମୁ ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଇବା



ସହ ଟ୍ରାଫିକ୍ ସମ୍ବନ୍ଧିତ ନିୟମାବଳୀ ଉପରେ ଆଲୋକପାତ କରିଥିଲେ। ଏତଦ୍ ବ୍ୟତୀତ ଗାଡିଚାଳକ ମାନଙ୍କ ମଧ୍ୟରେ ସଡକ ସୁରକ୍ଷା ଉପରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ରକ୍ଷଣଶୀଳ ଚାଳକମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଆରଟିଓ, ଭଦ୍ରକଙ୍କ ଆଗ୍ରହ କ୍ରମେସନ୍‌ସାଇନ୍ ସ୍କୁଲ ପଡ଼ିଆରେ ଆୟୋଜିତ ପୁସ୍ତକ ମେଳାରେ ସଡକ ସୁରକ୍ଷା ଭିତିକ ଏକ ନାଟକ ପରିବେଷଣ ହୋଇଥିଲା, ଯାହା ଲୋକଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା।

## ନକଲି ସିମ୍‌କାର୍ଡ ତିଆରି କରି ଯୁବକ ଗିରଫ

**ବାସୁଦେବପୁର, ୮ ।୧୨(ସମିସ):** ବାସୁଦେବପୁର ଥାନା ଆରୁହା ଭାଗପୁର ଗ୍ରାମରେ ନକଲି ସିମ୍‌କାର୍ଡ ତିଆରି କରି ଜଣେ ଯୁବକକୁ ହଟହଟା ହେବାକୁ ପଡ଼ିଛି। ଯୁବକ ଜଣକ ଭାଗପୁର ଗ୍ରାମର ବିଦ୍ୟାଧର ସାହୁ। ନିଜ ଅଞ୍ଚଳରେ ଏକ ସିମ କାର୍ଡ ଦୋକାନ କରି ଏକାଧିକ ଫେକ ସିମକାର୍ଡ ଲୋକଙ୍କୁ ବିକ୍ରି କରିଥିବା ଅଭିଯୋଗ ହୋଇଥିଲା। ଯାହାକୁ ନେଇ ପୁଲିସ ତଦନ୍ତ ସହିତ ସମ୍ପୃକ୍ତ ବିଦ୍ୟାଧରକୁ ଥାନାକୁ ନେଇ ଆସିଥିଲା। ପରେ ଅଧିକ ତଦନ୍ତ ପରେ ବିଦ୍ୟାଧରଙ୍କ ଦୋକାନକୁ ସିମ ନେବାକୁ ଆସୁଥିବା ଲୋକଙ୍କ ବାୟୋମେଟ୍ରିକ୍‌କୁ ଏକାଧିକ ବାର ବ୍ୟବହାର କରି ଅଧିକ ସିମ କାର୍ଡ ଏକ୍ଟିଭେଟ କରି ପାଖାପାଖି ୧୦୦ରୁ ଅଧିକ ବିକ୍ରି କରୁଥିବା ଘଟଣା ପୁଲିସ ସମ୍ମୁଖରେ ପ୍ରକାଶ କରିଥିଲା। ଆଉ କମ୍ପାନୀ ଦେଇଥିବା ଟାର୍ଗେଟ ପୂରଣ କରିବା ପାଇଁ ଏହି ଦୁଃସାହସ କରି ସିମ୍ ବିକ୍ରି କରୁଥିଲା। ଯାହାକି ଟେଲିକମ ବିଭାଗ କ୍ରାଇମବ୍ରାଞ୍ଚକୁ ତଦନ୍ତ ପାଇଁ ଚିଠି କରିଥିଲା। ଆଉ ଏହି ଚିଠି ମୂଳେ ଭଦ୍ରକ ଏସପି ବାସୁଦେବପୁର ପୁଲିସକୁ ତଦନ୍ତ ସହିତ ସତ୍ୟତା ବାହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୁଲିସର ଏକ ଟିମ ଭାଗପୁର ଗାଁରୁ ବିଦ୍ୟାଧରକୁ ଗିଫ କରିବାରେ ସଫଳ ହୋଇଥିବା ଆଜି ଏସଡିପିଓ ସୌରଭ ଓଟା, ଥାନାଧିକାରିଣୀ ଲୋପାମୁଦ୍ରା ନାୟକ ପ୍ରମୁଖ ସୂଚନା ଦେଇଛନ୍ତି।

## ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ

**ଭଣ୍ଡାରିପୋଖରୀ, ୮।୧୨(ସମିସ):** ମଣିନାଥପୁର ନରେନ୍ଦ୍ର ପରିଡ଼ା ସରକାରୀ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ ଯୋଜନାର ବିଭିନ୍ନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ସମୀର ଚୌଧୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବକୁ ଅବସରପ୍ରାପ୍ତ ଶିକ୍ଷକ ମୀନକେତନ ବେଉରିଆ ଉଦଘାଟନ କରିଥିଲେ। ନୃତ୍ୟ, ସଙ୍ଗୀତ, କବିତା, ରଚନା ପ୍ରସ୍ତୁତି ଆଦି ସାଂସ୍କୃତିକ, ସ୍ୱଚ୍ଛତା, ବାଲ୍ୟବିବାହ ବିରୋଧି, ପ୍ଲାଷ୍ଟିକ ବର୍ଜ୍ଜନ, ପରିବେଶ ରକ୍ଷା, ନିରକ୍ଷରତା ଦୂରିକରଣ ସଚେତନତା ସୃଷ୍ଟିକାରୀ ସାମାଜିକ ବିଭାଗ ସହ କ୍ରୀଡା ଆଦିରେ ଏକାଦଶ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ ଅଧ୍ୟାପକ ଅନାଦି ଚରଣ ସାହୁ ମୁଖ୍ୟଅତିଥି, ଅବସରପ୍ରାପ୍ତ ବିଜ୍ଞାନଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା, ମୋ ସ୍କୁଲ ଅଭିଯାନ ସଭାପତି ଗଜେନ୍ଦ୍ର ଦାସ, ବିଦ୍ୟାଳୟ ପରିଚାଳନା ସଭାପତି ମନୋଜ ଦାସ, ସାମ୍ବାଦିକ ବିଶ୍ୱମ୍ଭର ରାଉତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚିନ୍ତାମଣି ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶରତ ଥାଟୋଇ ଅତିଥି ପରିଚୟ ଓ ସୂର୍ଯ୍ୟକାନ୍ତ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ। ଉଚ୍ଚତର ବିଦ୍ୟାଳୟର ରବୀନ୍ଦ୍ର ପାଢ଼ୀ, ଜ୍ୟୋତିପ୍ରକାଶ ସ୍ୱାଇଁ, ପଦ୍ମିନୀ ବେହେରା, ହେନା କିଶୋର ଭାରତୀ, ମିନତୀ ଓଝା, ସୁମିତ୍ରା ବଳ ପ୍ରମୁଖ ଅଧ୍ୟାପକ ଓ ଅଧ୍ୟାପିକା, ଦିପ୍ତିରଞ୍ଜନ ଶେଣ୍ଠ, ବାସୁଦେବ ସୋରେନ, ମାମିନା ଯେନା, ଶେଖ ଆଫ୍ରୋଜୁଦ୍ଦିନ, ରଶ୍ମିରେଖା ରାଉତ, ରମେଶ ରାଉତ, ରିତାଞ୍ଜଳୀ ମହାନ୍ତି ପ୍ରମୁଖ ଶିକ୍ଷକ ଶିକ୍ଷୟତ୍ରୀମାନେ ଉତ୍ସବ ପରିଚାଳନା କରିଥିଲେ।

## 'ଆମ ଓଡ଼ିଶା, ନବୀନ ଓଡ଼ିଶା' ପ୍ରକଳ୍ପ ଉଦ୍‌ଘାଟିତ



**ଭଣ୍ଡାରିପୋଖରୀ/ମଞ୍ଜୁରୀରୋଡ, ୮।୧୨(ସମିସ):** ସାନଶାସନ ପଞ୍ଚାୟତରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା'ର ବିଭିନ୍ନ ପ୍ରକଳ୍ପ ଆଜି ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ପଞ୍ଚାୟତର ବିମ୍ବଳବର, ବାହାଦୂଲନଗର, ଶାସନ, ସାନଶାସନ, କଣ୍ଟାପଡ଼ା, ରାଣୀପଡ଼ା ଓ ତେନ୍ତୁଳିଆ ଗ୍ରାମକୁ ପ୍ରାପ୍ତ ପ୍ରତ୍ୟେକ ୫ଲକ୍ଷ ଟଙ୍କାର ପ୍ରକଳ୍ପଗୁଡିକୁ ବିଧାୟକ ଶ୍ରୀ ସାମଲ ମୁଖ୍ୟଅତିଥି ଭାବେ ଉଦଘାଟନ କରିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ, ଜିଲ୍ଲାପରିଷଦ ସଦସ୍ୟ ବଦ୍ରୀନାରାୟଣ ରାଉତ, ଲକ୍ଷ୍ମୀଧର ସାହୁ, ସରପଞ୍ଚ ମଧୁସ୍ମିତା ସାହୁ, ସମିତି ସଭ୍ୟ ସନ୍ତୋଷ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଦଳର ମିଶ୍ରଣ ପର୍ବରେ ବାଇଧର ଯେନା, ଶୁଭେନ୍ଦୁ ଯେନା, ହିମାଂଶୁ ଯେନା ବିଜେଡିରେ ଯୋଗ ଦେଇଥିଲେ। ମନୋରଞ୍ଜନ ସାହୁ, ରବୀନ୍ଦ୍ର ରାଉତ, ରମାକାନ୍ତ ସେନାପତି, ରମେଶ ମହାକୁଡ, ଅର୍ଜ୍ଜୁନ ବେହେରା, ବସନ୍ତ ଯେନା, ସନ୍ତୋଷ ନାୟକ, ବିଦ୍ୟାଧର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନାଆମୀ କଲେଜରେ ସାଂସ୍କୃତିକ ପ୍ରତିଯୋଗିତା

**ମଞ୍ଜୁରୀରୋଡ, ୮ ।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ନାଆମୀ ମହାବିଦ୍ୟାଳୟ ଠାରେ ନୂଆ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ +୨ ଓ +୩ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିନୋଦବିହାରୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜ ପରିଚାଳନା ସମିତିର ସଭାପତି ବିଷ୍ଣୁପ୍ରସାଦ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମ ଦ୍ୱାରା ପିଲାମାନଙ୍କର ସାମଗ୍ରିକ ବିକାଶ ହେବ ବୋଲି ଛାତ୍ରଛାତ୍ରୀମାନଙ୍କୁ ବକ୍ତବ୍ୟ ମାଧ୍ୟମରେ କହିଥିଲେ। ଯୁକ୍ତ ତିନି ନୋଡାଲ ଅଫିସର ଡ.ରଘୁନାଥ ସାହୁ ଓ ଯୁକ୍ତ ଦୁଇ ନୋଡାଲ ଅଫିସର ମହିତୋଷ ସେଠୀ କାର୍ଯ୍ୟକ୍ରମ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ସୂଚନା ଦେଇଥିଲେ। ଏଥିରେ ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଭାଗନେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଅଧ୍ୟାପକ ବନମାଳୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମରେ ଅଧ୍ୟାପକ ଡ଼. ସୁକାନ୍ତ ସ୍ୱାଇଁ, ଅଶୋକ ଦାସ, ଅଶୋକ ସେଠୀ, ଅଧ୍ୟାପିକା ମନୋରମା ଖଣ୍ଡାଇ, ଭାରତୀଲତା ପଣ୍ଡା, ସସ୍ମିତା ଘୋଷ, ଅଧ୍ୟାପକ ଚିନ୍ତାମଣି ମହାକୁଡ଼, ପ୍ରଦୀପ ସ୍ୱାଇଁ, ପ୍ରିୟକାନ୍ତ ସାହୁ, ରାମଚନ୍ଦ୍ର ମହାନ୍ତି, ଡ଼. ଅଜୟ ପ୍ରଧାନ, ରାଜେଶ ମହତା, ଉମାକାନ୍ତ ବେହୁରା, ସୋମନାଥ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ମା' ସ୍ୱପ୍ନେଶ୍ୱରୀ ସନ୍ତୋଷୀ ମା'ଙ୍କ ତୃତୀୟ ମହୋତ୍ସବ

**ଅସୁରାଳି, ୮ ।୧୨(ସମିସ):** ଚୁନିଦାସ୍ଥିତ ଶ୍ରୀଶ୍ରୀ ସ୍ୱପ୍ନେଶ୍ୱରୀ ସନ୍ତୋଷୀ ମା'ଙ୍କ ତୃତୀୟ ପୂଜା ବାର୍ଷିକୀ ଅବସରରେ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବ ଆଗାମୀ ୭ଦିନ ଚାଲିବ। ଗତକାଲି ପ୍ରଥମ ଦିବସରେ ମହୋତ୍ସବ ଉଦଘାଟିତ ହୋଇଥିଲା। ଉପଦେଷ୍ଟା ତଥା ରାଜ୍ୟସ୍ତରୀୟ ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଭଦ୍ରକ ସିଟି ଡିଏସପି ଅଂଶୁମାନ ଦ୍ୱିବେଦୀ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସରପଞ୍ଚ ନିରଞ୍ଜନ ମଲିକ, ଶିକ୍ଷକ ନେତା ପ୍ରଭାକର ପରିଡ଼ା, ନିତ୍ୟାନନ୍ଦ ବେହେରା, ପ୍ରଧାନ ଶିକ୍ଷକ ଭୀମସେନ ପରିଡ଼ା, ପ୍ରଧାନ ଶିକ୍ଷକ ଶେଖର ଜେନା, ଆଧ୍ୟାପକ ରାଜେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ସାମ୍ବାଦିକ ସନ୍ତୋଷ ଦାସ ଓ କମିଟି ଆବାହକ କୃଷ୍ଣଚନ୍ଦ୍ର ବେହେରା। ମନ୍ଦିରର ପ୍ରତିଷ୍ଠାତା ପିତାମ୍ବର ପରିଡ଼ା ଓ ବାସନ୍ତୀ ଲତା ପରିଡ଼ା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ କାହ୍ନୁ ସାହୁ। ମହୋତ୍ସବ କମିଟି ପକ୍ଷରୁ କଣ୍ଠଶିଳ୍ପୀ କୁମାର ଗୌତମ, ଚନ୍ଦ୍ରଭାଗା ଆନ୍ତର୍ଜାତିକ ବାଲୁକା ମହୋତ୍ସବର ଶ୍ରେଷ୍ଠ ବାଲୁକାଶିଳ୍ପୀ ଗୋପାଳ ସାମଲ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳକ କାହ୍ନୁ ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।



## ମହିଳା ହିଂସା ବିରୋଧୀ ଅଭିଯାନ



**ଭଦ୍ରକ, ୮ ।୧୨(ସମିସ):** ମହିଳା ଓ ଶିଶୁ ବିଭାଗ, ଓଡ଼ିଶା ସରକାର ଓ ଜିଲ୍ଲା ପ୍ରଶାସନ, ଭଦ୍ରକ ମିଳିତ ଉଦ୍ୟମରେ ସ୍ଥାନୀୟ ମଠସାହିସ୍ଥିତ ଜାନକୀ ଦେବୀ ନର୍ସିଂ ସ୍କୁଲରେ ଜିଲ୍ଲା ବାଲ୍ୟ ବିହାହ ସଂଯୋଜକ ତଥା ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଅସୀମ ଅମିତାଭ୍ ଦାସଙ୍କ ସଭାପତିତ୍ୱରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଡ. ଦେବରାଜ ପାଣିଗ୍ରାହୀ, ବରେଣ୍ୟ ଅତିଥି ଭାବେ ଶିଶୁ ମଙ୍ଗଳ ସମିତିର ସଦସ୍ୟା ଭାରତୀ ଦାଶ, ଅତିଥି ଭାବେ ଜାନକୀ ଦେବୀ ସ୍କୁଲର ଚେୟାରମ୍ୟାନ୍ ହିମାଂଶୁଶେଖର ସାମଲ ଓ ଆସିଆନାର ସଂଯୋଜକ ରିଆଜ୍ ଅହମ୍ମଦ ଯୋଗ ଦେଇ ମହିଳା ହିଂସା ବିରୋଧ ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବିସ୍ତୃତ ଭାବେ ଆଲୋଚନା କରିବା ସଂଗେ ସଂଗେ ଲିଙ୍ଗ ନିରୂପଣ ଆଇନକୁ କଡ଼ାକଡି ଭାବେ ଲାଗୁ କରିବା ପାଇଁ କହିଥିଲେ। ଏଥିରେ ଜାନକୀ ଦେବୀ ସ୍କୁଲର ନର୍ସିଂ ଛାତ୍ରଛାତ୍ରୀମାନେ ଯୋଗଦାନ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ସ୍ଲୋଗାନ ଦେଇ ପୋଷ୍ଟର ପ୍ରଦର୍ଶନୀ କରିଥିଲେ। ପ୍ରକାଶ ଥାଉକି ମହିଳା ହିଂସା ବିରୋଧୀ ଆଇନ୍ ଗତ ନଭେମ୍ବର ୨୫ ରୁ ଆରମ୍ଭ ହୋଇ ଆସନ୍ତା ଡିସେମ୍ବର ୧୦ ପର୍ଯ୍ୟନ୍ତ ଚାଲୁ ରହିବ।

## ଆସିଲେନି ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ

**ମଞ୍ଜୁରୀରୋଡ,୮ ।୧୨(ସମିସ):** ରାଜ୍ୟ ଗଣଶିକ୍ଷା ବିଭାଗ ଯୁଗ୍ମ ନିର୍ଦ୍ଦେଶକ ୨ଦିନିଆ ଭଦ୍ରକ ଗସ୍ତରେ ଆସିଥିଲେ ବିଦ୍ୟାଳୟ ଭିତ୍ତିଭୂମି ଓ ଶିକ୍ଷାଦାନ ପ୍ରଣାଳୀ ଅନୁଧ୍ୟାନ ପାଇଁ ଯୁଗ୍ମ ନିର୍ଦ୍ଦେଶକ ଜିଲ୍ଲା ଗସ୍ତ କରିଥିବା ବେଳେ ବିଭିନ୍ନ ବ୍ଲକକୁ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଥିଲା। ୨ଦିନ ଗସ୍ତ ସମୟରେ ସେ ଜିଲ୍ଲା ଶିକ୍ଷା ବିଭାଗର ଅଧିକାରୀ ମାନଙ୍କ ସହିତ ସମୀକ୍ଷା ବୈଠକ କରିଥିବା ବେଳେ ଆଜି ଧାମନଗର ବ୍ଲକ ଗସ୍ତରେ ଯାଇଥିଲେ। ସେଠାରୁ ଭଣ୍ଡାରିପୋଖରୀ ବ୍ଲକର କିଛି ବିଦ୍ୟାଳୟକୁ ଯିବାର କାର୍ଯ୍ୟକ୍ରମ ରହିଥିଲେ ସୁଦ୍ଧା ଯୁଗ୍ମ ନିର୍ଦ୍ଦେଶକ କିନ୍ତୁ ଆସିନଥିଲେ। ତେଣୁ ବିଦ୍ୟାଳୟ ଭିତ୍ତିଭୂମି ଓ ଶିକ୍ଷାଦାନ ପ୍ରଣାଳୀ ବାବଦରେ ସମୀକ୍ଷା ହୋଇ ପାରିନଥିଲା। ସରକାରଙ୍କର ବରିଷ୍ଠ ଅଧିକାରୀ ବିଦ୍ୟାଳୟ ପରିଦର୍ଶନରେ ନଆସିବା କଥାକୁ ବ୍ଲକ ଅଞ୍ଚଳର ଶିକ୍ଷାବିତ ଓ ଅଭିଭାବକ ମାନେ ନାପସନ୍ଦ କରିଛନ୍ତି।

## ଚୁପ୍ ବସିଛି ପୌରପାଳିକା

# ରାସ୍ତାଘାଟରେ ଅବାଧରେ ବୁଲୁଛନ୍ତି ଷଣ୍ଢ, ଗାଈଗୋରୁ, କୁକୁର

ଭଦ୍ରକ, ୮ ।୧୨(ସମିସ)

ଭଦ୍ରକ ସହର ଏବେ ବୁଲା ଗୋରୁଗାଈ, ଷଣ୍ଢ, କୁକୁରଙ୍କ ଅବାଧ ବିଚରଣ ସ୍ଥଳ ପାଲଟିଛି। ସହରର ଯେଉଁଟି ଦେଖ ମାଳ ମାଳ ଗୋରୁଗାଈ ଏତେତେଲେ ବୁଲୁଛନ୍ତି। ଏହିମାନଙ୍କୁ ପାଇଁ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ମଧ୍ୟ ପୌର ପ୍ରଶାସନ ଚୁପ୍ ବସିଛି। ଫଳରେ ଅସନ୍ତୋଷ ଦେଖାଦେଇଛି।

ଗତ ମାସ ୨୧ତାରିଖରେ ଏକ ବୁଲା ଷଣ୍ଢ ଆକ୍ରମଣରେ ଫୁଲ ତୋଳୁ ଥିବା ବେଳେ ଜଣେ ବୃଦ୍ଧାଙ୍କୁ ମୃତ୍ୟୁ ଘଟିଥିବାବେଳେ ମନ୍ଦିରକୁ ଯାଉଥିବା ଜଣେ ଶିକ୍ଷୟିତ୍ରୀଙ୍କୁ ଆକ୍ରମଣ କରି ଗୁରୁତର କରିଥିଲା। ଆଜି ପର୍ଯ୍ୟନ୍ତ ସେ ଚିକିତ୍ସାଧୀନ ଅଛନ୍ତି। ଏହି ଅଘଟଣ ଭଦ୍ରକ ସହର ଚରମ୍ପା ନିକଟ ପଥରଆଡ଼ି ଅଞ୍ଚଳରେ ଘଟିଥିଲା। ସ୍ମରଣଯୋଗ୍ୟ, ଭଦ୍ରକ ଗ୍ରାମାଞ୍ଚଳ ଥାନା



ପଥରଆଡ଼ି ଅଞ୍ଚଳବାସୀ ବାସୁଦେବ ପଣ୍ଡାଙ୍କ ପତ୍ନୀ ଶାନ୍ତିଲତା ପଣ୍ଡା(୭୩) ଫୁଲ ତୋଳୁ ଥିବା ବେଳେ ଅତର୍କିତ ଭାବେ ଶାନ୍ତିଲତାଙ୍କୁ ଏକ ଷଣ୍ଢ ଆକ୍ରମଣ କରିଥିଲା। ନିମିଷେକ ମଧ୍ୟରେ ବୃଦ୍ଧାଙ୍କ ଶରୀରକୁ ଖଣ୍ଡବିଖଣ୍ଡ କରିଦେଇଥିଲା। ପରେ ଶିକ୍ଷୟିତ୍ରୀ ସାଇପ୍ରସନ୍ନା ଦାସ(୪୯) ନିକଟକସ୍ଥ ମନ୍ଦିର ଯାଉଥିବା ବେଳେ ଅତର୍କିତ ଆକ୍ରମଣ କରି ଲହୁଲୁହାଣ କରିଥିଲା।

ଏହି ଅଭାନୀୟ ଘଟଣା ପରେ ବି ଭଦ୍ରକ ପୌରପାଳିକାର ନିଦ ଭାଙ୍ଗି ନାହିଁ। ଗତ କିଛି ବର୍ଷ ହେବ ସହରର ୩୦ଟି ୱାର୍ଡର ପ୍ରମୁଖ ରାସ୍ତା ସହ ପୂର୍ତ୍ତ ବିଭାଗ ରାସ୍ତା ଓ ୧୬ନମ୍ବର ଜାତୀୟ ରାଜପଥରେ ଶହ ଶହ ସଂଖ୍ୟକ ବୁଲା ଷଣ୍ଢ, ଗାଈଗୋରୁ ଓ କୁକରମାନେ ଅବାଧରେ ବିଚରଣ କରୁଛନ୍ତି। ସହରର ଅଧିକାଂଶ ପ୍ରମୁଖ ରାସ୍ତା ଗୁଡିକରେ ସତେ ଯେମିତି ବୁଲା ଷଣ୍ଢ, ଗାଈଗୋରୁମାନେ ଟ୍ରାଫିକ ନିୟନ୍ତ୍ରଣ କାର୍ଯ୍ୟରେ ନିୟୋଜିତ ଥିବା ଭ୍ରମ ସୃଷ୍ଟି କରୁଛି। ଏହାଦ୍ୱାରା ନିୟମିତ ଭାବେ ଟ୍ରାଫିକ ନିୟନ୍ତ୍ରଣ ବାଧାପ୍ରାପ୍ତ ହେବା ସହ ଛୋଟବଡ ଦୁର୍ଘଟଣାମାନ ଘଟି ଚାଲିଛି। ସ୍କୁଲ, କଲେଜ ଯାଉଥିବା ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବୟସ୍କ ନାଗରିକମାନଙ୍କ ଏବେ ଯାତାୟତ ଅସୁରକ୍ଷିତ ହୋଇପଡ଼ିଛି। ସେହିଭଳି ଏବେ ଶହଶହ ସଂଖ୍ୟକ ବୁଲା କୁକୁରଙ୍କ ଉପଦ୍ରବରେ ସହରବାସୀ ଅଣନିଃଶ୍ୱାସୀ ହୋଇପଡ଼ିଛନ୍ତି। ସହର ବ୍ୟତୀତ ଜିଲ୍ଲା ତମାମ କୁକୁର କାମୁଡା ସଂଖ୍ୟକ ବୃଦ୍ଧି ପାଇ ଚିନ୍ତାଜନକ ଅବସ୍ଥା ସୃଷ୍ଟି ହୋଇଛି। ତେବେ ବୁଲା ଷଣ୍ଢ, ଗାଈଗୋରୁ ଓ କୁକୁରଙ୍କୁ ନିୟନ୍ତ୍ରଣ କରିବା କାର୍ଯ୍ୟ କରିବାକୁ ବିଭିନ୍ନ ମହଲରେ ବାରମ୍ବାର ଦାବି ହୋଇ ଆସୁଥିବା ବେଳେ ଭଦ୍ରକ ପୌରପାଳିକା କର୍ତ୍ତୃପକ୍ଷ ଏଦିଗରେ ସମ୍ପୂର୍ଣ୍ଣ ଚୁପ୍ ବସିବା ଘଟଣା ସହରବାସୀଙ୍କୁ ବିସ୍ମିତ କରିଛି। ଏଦିଗରେ ଜିଲ୍ଲା ପ୍ରଶାସନ ଗୁରୁତର ସହ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଭଦ୍ରକ ପୁସ୍ତକ ମେଳାର ୫ମ ସନ୍ଧ୍ୟା

# 'ଶ୍ରୀଜଗନ୍ନାଥ ଅନେକ ଭିତରେ ଏକ; ଏକ ଭିତରେ ଅନେକ'

ଭଦ୍ରକ, ୮ ।୧୨(ସମିସ)

ଶ୍ରୀଜଗନ୍ନାଥଙ୍କ ଗୂଢତତ୍ତ୍ୱ ଓ ରହସ୍ୟ ନିଜର ଚତୁଃଅକ୍ଷର ବିଶିଷ୍ଟ ନାମ ଭିତରେ ହିଁ ସମାହିତ। ଶ୍ରୀଜଗନ୍ନାଥ ଏକ ଭିତରେ ଅନେକ ଓ ଅନେକ ଭିତରେ ସେ ଏକ। ଜଗନ୍ନାଥଙ୍କର ଚାରି ଅକ୍ଷର ପ୍ରତ୍ୟେକ୍ଷ ଓ ପରୋକ୍ଷରେ ଚତୁର୍ଦ୍ଦିଗ, ଚତୁଃକୋଣ, ଚତୁଃବେଦ, ଚତୁଃବର୍ଣ୍ଣ, ଚତୁଃଯୁଗର ସୂଚକ ଓ ପୂର୍ଣ୍ଣତାର ପରିଭାଷା ବୋଲି ସ୍ଥାନୀୟ ସନସାଇନ ମିଶନ ସ୍କୁଲ ନିକଟସ୍ଥ ମନମୋହନ ସଙ୍ଗୀତ ପରିଷଦ ପଡ଼ିଆରେ ଅନୁଷ୍ଠିତ ଭଦ୍ରକ ପୁସ୍ତକମେଳାର ୫ମ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଆ ସାହିତ୍ୟ ଓ ଶ୍ରୀଜଗନ୍ନାଥ ଚେତନା ଶୀର୍ଷକ ଆଲୋଚନାଚକ୍ରରେ ଭଦ୍ରକ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ରାମଚନ୍ଦ୍ର ପଣ୍ଡା ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଶ୍ରୀଜଗନ୍ନାଥ ତତ୍ତ୍ୱର ଗୂଢ଼ ରହସ୍ୟ ବିଷୟରେ ଆଲୋକପାତ କରିଥିଲେ। ବରେଣ୍ୟ ଅତିଥି ଭାବେ ଡାକ୍ତର ରଣଜିତ ଖଟୁଆ ଯୋଗ ଦେଇ ଓଡ଼ିଆ ସାହିତ୍ୟ ସହିତ ଶ୍ରୀଜଗନ୍ନାଥ ସଂସ୍କୃତି କିପରି ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଆଲୋକପାତ କରିଥିଲେ। ସମ୍ମାନିତ ବକ୍ତା ଭାବେ କବି ଶାନ୍ତନୁ କୁମାର ରାଉତ ଶ୍ରୀଜଗନ୍ନାଥ ଭିନ୍ନ ଭିନ୍ନ ଦୃଷ୍ଟିରେ କିପରି ବ୍ୟାପକ ସେ ବିଷୟରେ ଆଲୋକପାତ କରିଥିଲେ। ପୁସ୍ତକମେଳା କମିଟି ସଦସ୍ୟ ସୁଧାକର ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନ୍ୟତମ ସଦସ୍ୟ ଚର୍ଚ୍ଚିକା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହପରେ ଏମଏମ୍ ଡ୍ୟାନ୍ସ ଏକାଡେମୀ, ମୟୁର ନୃତ୍ୟ ଅନୁଷ୍ଠାନ, ମନମୋହନ ସଙ୍ଗୀତ ପରିଷଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦୁଃଶାସନ ମହାନ୍ତି, ମନୋରଞ୍ଜନ ନାୟକ, ସମୀର ଦାସ, ପ୍ରଦୀପ ବେହେରା, ଦେବୀଦୀପ୍ତା ହୋତା, ତେଜସ୍ୱିନୀ ପଲାଇ, କାଳନ୍ଦୀ ମଲ୍ଲିକ, ରାଜେଶ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## 'ଯୁବ ଓଡ଼ିଶା ନବୀନ ଓଡ଼ିଶା'କାର୍ଯ୍ୟକ୍ରମ

**ଧୂଷୁରୀ, ୮ ।୧୨(ସମିସ):** ଧାମନଗର ବ୍ଲକ ଧୂଷୁରୀସ୍ଥିତ ଇନ୍ଦିରା ଗାନ୍ଧୀ ସ୍ମୃତି ବିଜ୍ଞାନ ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଯୁବ ଓଡ଼ିଶା ନବୀନ ଓଡ଼ିଶା ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ପିତାମ୍ବର ରାଉତରାୟଙ୍କ ସଭାପତିତ୍ୱ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଧାମନଗର ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ସମ୍ମାନିତ ଅତିଥି ଭାବେ ରପଞ୍ଚ ସରସ୍ୱତୀ ସାହୁ ଓ ସମିତିସଭ୍ୟା ପବିତ୍ରା ଖଟୁଆ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ନୋଡାଲ ଅଫିସର ଅଧ୍ୟାପକ ଦିଲ୍ଲୀପ କୁମାର ମିଶ୍ର ଯୁବ ଶକ୍ତି ସମ୍ବନ୍ଧରେ ଆଲୋକପାତ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାଧ୍ୟାପକ ନାରାୟଣ ମହାନ୍ତି, ଅଧ୍ୟାପକ ଗୌରାଙ୍ଗ ଚରଣ ନାୟକ, ଅଧ୍ୟାପକ ଚିତ୍ତରଞ୍ଜନ ଦାଶ, ଅଧ୍ୟାପକ ପଦ୍ମନାଭ ତ୍ରିପାଠୀ ଉତ୍ସବ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଅଧ୍ୟାପକ ନରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। ଏକକ ନୃତ୍ୟ, ଝୋଟି ଓ ମୁରୁଜ ପ୍ରତିଯୋଗିତାରେ ଅଧ୍ୟାପିକା ଅର୍ଚ୍ଚନା ମହାନ୍ତି ଓ ଅଧ୍ୟାପକ ପଦ୍ମନାଭ ତ୍ରିପାଠୀ ବିଚାରକ ଭାବରେ କାର୍ଯ୍ୟ ସମାପନ କରିଥିଲେ।

## ମତୋରେ ଯୁବ ଓଡ଼ିଶା କାର୍ଯ୍ୟକ୍ରମ



**ଚାନ୍ଦବାଲି, ୮ ।୧୨(ସମିସ):** ଚାନ୍ଦବାଲି ବ୍ଲକ ମତୋ ଲଳିତା ଶିବଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେକ୍ରୀଡ଼ା, ସଂସ୍କୃତିକପ୍ରତିଯୋଗିତାଓସାମାଜିକକାର୍ଯ୍ୟକ୍ରମଅନୁଷ୍ଠିତହୋଇଥିଲା। ଏହାକୁ ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ସାହୁ, ଚାନ୍ଦବାଲି ବ୍ଲକ ଅଧ୍ୟକ୍ଷା ମିନତୀ ସୁତାର ଉଦଘାଟନ କରିଥିଲେ। ଅଧ୍ୟକ୍ଷ ପ୍ରସନ୍ନ ମହାରଣା ସଭାପତିତ୍ୱରେ ପରିଚାଳିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମତୋ ସରପଞ୍ଚ ଗୀତାଞ୍ଜଳି ପଲାଇ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ପଟେଲ ସୂତାର, ସମାଜସେବୀ ପ୍ରଦୀପ ପଲାଇ ଯୋଗ ଦେଇଥିଲେ। ନୋଡାଲ ଅଫିସର ଅଧ୍ୟାପକ ଗାଗାରିନ ମହାନ୍ତି, ବିଭାଗୀୟ ନୋଡାଲ ଅଫିସର ଅଧ୍ୟାପକ ହିମାଦ୍ରିଭୂଷଣ ନାୟକ (କ୍ରୀଡ଼ା ବିଭାଗ), ଅଧ୍ୟାପିକା ସ୍ନେହ ମଞ୍ଜରୀ ବେହେରା (ସାଂସ୍କୃତିକ ବିଭାଗ), ଅଧ୍ୟାପକ ସୁଶାନ୍ତ ବାରିକ (ସମାଜସେବା ବିଭାଗ), ତପନ ରାଉତ, ଅଧ୍ୟାପକ କୁମାର ପ୍ରିୟଦର୍ଶନ, ରବିନାରାୟଣ ସ୍ୱାଇଁ, ଅଧ୍ୟାପିକା କଳ୍ପନା ସାହୁ, ବିକାଶ ବଳ, ମମତା ବେହେରା, ଦ୍ରୌପଦୀ ସାହୁ, ସ୍ନେହଲତା ମହନ୍ତ, ପ୍ରିତମ ପତି, ଭରତ ସାହୁ, କିଶୋର ଚନ୍ଦ୍ର ସାହୁ, ସାବିତ୍ରୀ ସେଠୀ, ବଳରାମ ଗୋଛାୟତ ପ୍ରମୁଖ ଉତ୍ସବଟିକୁ ସଫଳ କରାଇଥିଲେ।

## ଜନ ସଚେତନତା ଉଦ୍ଦେଶ୍ୟରେ ପଥପ୍ରାନ୍ତ ନାଟକ

**ଅସୁରାଳି, ୮ ।୧୨(ସମିସ):** ସମନ୍ୱିତ୍ ଯୁବ ବିକାଶ କାର୍ଯ୍ୟକ୍ରମରେ ମା' ସାରଦା ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ଜନ ସଚେତନତା ଉଦ୍ଦେଶ୍ୟରେ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ପ୍ରଥମେ କଲ୍ୟାଣୀ ନଗରୀ ଠାରେ ଥିବା ମା'ଦୁର୍ଗାଙ୍କ ମଣ୍ଡପ ନିକଟରେ ଅଧ୍ୟାପକ ଶ୍ରୀଧର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅତିଥି ଭାବରେ ସ୍ଥାନୀୟ ବରିଷ୍ଠ ନାଗରିକ ଦୁର୍ଗା ଦେବୀ ଶତବାର୍ଷିକ ଉତ୍ସବ କମିଟି ସଭାପତି ଅବସରପ୍ରାପ୍ତ ଶିକ୍ଷକ ରମେଶ ଦତ୍ତ, ସାମ୍ବାଦିକ ସନ୍ତୋଷ ଦାସ, ଅବସରପ୍ରାପ୍ତ ଶିକ୍ଷକ ନିଧିରାମ ଦତ୍ତ, ଆର୍ତ୍ତବନ୍ଧୁ ଦତ୍ତ, କୃଷ୍ଣଚନ୍ଦ୍ର ଦତ୍ତ, ପାଣ୍ଡବ ଚରଣ ଦତ୍ତ, ରଘୁନାଥ ଦତ୍ତ, ଅରବିନ୍ଦ ଦତ୍ତ, ଚିନ୍ମୟ ଦତ୍ତ, ଅଧ୍ୟାପକ ରବୀନ୍ଦ୍ର ପାଣିଗ୍ରାହୀ, ସ୍ନେହାଂଶୁ ମହାନ୍ତି, ପ୍ରଭାତ ଧଳ ପ୍ରମୁଖ ସମାଜ ସଚେତନତା କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ଶିକ୍ଷା କର୍ମଚାରୀ ଲୋକନାଥ ନାୟକ, ଗୋରୀ ରାଣୀ ନାୟକ, ବୀଣାପାଣି ପାଣିଗ୍ରାହୀ ପ୍ରଶାନ୍ତ ବେହେରା, ମନୋଜ ବାରିକ ବଂଶୀଧର ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଧ୍ୟାପକ ଶ୍ରୀଧର ସାହୁଙ୍କ ନିର୍ଦ୍ଦେଶିତ କନ୍ୟା ଭ୍ରୂଣ ହତ୍ୟା ଉପରେ ଏକ ନାଟକ ଅନୁଷ୍ଠିତ ହୋଇଥିଲା। ପରେ ଶିକ୍ଷା କର୍ମଚାରୀ ସୁଶାନ୍ତ ମଲ୍ଲିକଙ୍କ ନର୍ଦ୍ଦେଶନା ରେ ନିଶା ନିବାରଣ ଉପରେ ଛାତ୍ରଛାତ୍ରୀ ଏକ ନାଟକ ପରିବେଷଣ କରିଥିଲେ। ବିଭିନ୍ନ ଭୂମିକାରେ ଆକାଶ, ମିଥୁନ, ସତ୍ୟବ୍ରତ, ଶୁଭଶ୍ରୀ, ସୁଭଦ୍ରା, ରାଜଶ୍ରୀ, ଜଗନ୍ନାଥ ପ୍ରମୁଖ ଅଭିନୟ କରିଥିଲେ। ପରେ ଅପରାହ୍ନରେ କୋଠାର କଚେରୀ ଦାଣ୍ଡ ଠାରେ ମଧ ଜନସଚେତନତା ପାଇଁ ଉକ୍ତ ନାଟକ ପରିବେଷଣ କରାଯାଇଥିଲା।

## ପୂର୍ତ୍ତ ବିଭାଗ କାଟୁଥିବା ଗଛକୁ ଅଟକାଇଲା ବନବିଭାଗ

**ବାସୁଦେବପୁର, ୮ ।୧୨(ସମିସ):** ବାସୁଦେବପୁରରେ ବିଗତ କିଛି ଦିନଧରି ବିଭାଗ ବିଭାଗ ମଧ୍ୟରେ ତାଳମେଳ ରହୁନାହିଁ। ସ୍ଥାନୀୟ ଅଞ୍ଚଳରେ ସାମ୍ନାକୁ ଆସୁଥିବା ବେଳେ ସ୍ଥାନୀୟ କୋଷ୍ଟକେନାଲ ରୋଡ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗର ଆଉ ଏକ ମନମାନୀ ପଦାରେ ପଡ଼ିଛି। ଉକ୍ତ କୋଷ୍ଟ କେନାଲର ପାର୍ଶ୍ୱ ରାସ୍ତା ନିର୍ମାଣ ପାଇଁ ଧାମରା ରାସ୍ତା ଛକ ଠାରୁ ମାଟିପକା ଛକ ପର୍ଯ୍ୟନ୍ତ ଦୀର୍ଘ ୬ କିମି ରାସ୍ତାକୁ ୧୬କୋଟି ଟଙ୍କା ବିନିଯୋଗ କରାଯାଇଛି। ପୂର୍ବରୁ ରାସ୍ତା ପାର୍ଶ୍ୱରେ ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରା ଯାଇଥିବା ବେଳେ ରାସ୍ତା ସମ୍ପ୍ରସାରଣ ନାଁରେ ଜଙ୍ଗଲ ବିଭାଗର ବିନା ଅନୁମତିରେ ପୂର୍ତ୍ତ ବିଭାଗ କାଟି ପଡ଼ିଆ ପକାଇ ଦେଇଥିବା ଦେଖିବାକୁ ମିଳିଛି। ଏହି ଖବର ପାଇବା ପରେ ସ୍ଥାନୀୟ ବନଖଣ୍ଡ କର୍ମଚାରୀମାନେ ଘଟଣାସ୍ଥଳରେ ପହଁଚି ଅସନ୍ତୋଷ ପ୍ରକାଶ କରିବା ସହିତ ପୂର୍ତ୍ତ ବିଭାଗର ଗଛ କଟା କାମ ସହିତ ରାସ୍ତା ନିର୍ମାଣକୁ ବି ଅଟକ ରଖିଥିବା ଦେଖିବାକୁ ମିଳିଛି। ଦାୟିତ୍ୱରେ ରହୁଥିବା ବିଭାଗୀୟ ଅଧିକାରୀ ମାନେ କୌଣସି ସମୟରେ ଗୁରୁତ୍ୱ ନଦେଇ ନିର୍ମାଣ ନାମରେ ଧ୍ୱଂସଲୀଳା ଘଟାଉଛନ୍ତି। ଆଉ ଲୋକଙ୍କ ଟିକସ ଅର୍ଥରେ ତାହାକୁ ମନଇଚ୍ଛା ହରିଲୁଟ କରୁଥିବା ବିଭିନ୍ନ ମହଲରେ ଚାପା ଗୁଞ୍ଜରଣ ପ୍ରକାଶ ପାଇଛି।କିଏ ରାସ୍ତା ନିର୍ମାଣ ସମୟରେ କେହି କାହାରି ଅନୁମତି ଲୋଡୁ ନାହାଁନ୍ତି ବୋଲି ଜଳ ଜଳ ଦିଶୁଥିବା କେତେକ ଘଟଣାର ଦୃଷ୍ଟାନ୍ତରୁ ବାରି ହେଉଛି। ଅନେକାଂଶରେ ରାସ୍ତା ଅବା ସରକାରୀ କୋଠା ନିର୍ମାଣ ସମୟରେ ତାହାର ପାରିପାର୍ଶ୍ୱିକ ସ୍ଥିତି ପ୍ରତି ନଜର ଦେଉନାହାଁନ୍ତି। ଏହି ସମୟରେ ପାନୀୟ ଜଳ ସେଚନ ପାଇଁ ପାଇପ ଫାଟି ପାଣି ଭାସୁଥିବା ଘଟଣା ସାମ୍ନାକୁ ଆସିଛି। ଏହି ଘଟଣାରେ ଜଳସେଚନ ଦାୟିତ୍ୱରେ ରହିଥିବା ବିଭାଗର ଅଧିକାରୀ କହନ୍ତି କାହିଁ ଆମକୁ କେହି ସୂଚନା ଦେଇନାହାଁନ୍ତି। ଏହି ମନମୁଖୀ କାମପାଇଁ ଲୋକ ବହୁ ସମୟରେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେବା ସହିତ ନାନା ସମସ୍ୟା ମୁଣ୍ଡ ଟେକିଆସୁଛି। ଅନ୍ୟପଟେ ଫଟାଇ ଦିଆ ଯାଉଥିବା ପାଇପ୍ ମରାମତି କାହା ଅର୍ଥରେ କରାଯାଉଛି ବୋଲି ଅନେକ ପ୍ରଶ୍ନ ଲୋକ କରିଥାନ୍ତି। ତାଛଡା ବହୁ ସ୍ଥାନରେ ରାସ୍ତା ନିର୍ମାଣ କରାଯାଉଥିବା ସମୟରେ ରାସ୍ତା ଉପରେ ବିଦ୍ୟୁତ ଖୁଣ୍ଟକୁ ଛିଡା କରି ଗମନାଗମନର ବିକାଶ କରିଥାନ୍ତି। ଯାହାର ବିପଦକୁ ଲୋକମାନେ ମୁଣ୍ଡାଇବାକୁ ପଡ଼ି ଆସୁଛି। ହେଲେ ଏହି ଘଟଣା ବିଦ୍ୟୁତ ବିଭାଗର ଅଧିକାରୀଙ୍କୁ ପଚାରିଲେ ସେ ବି ସମାନ ଢଙ୍ଗରେ କିଛି ଜାଣି ନଥିବା କହନ୍ତି।

● ଉର୍ଦ୍ଦୁ ଶିକ୍ଷକଙ୍କ ବଦଳିକୁ ଘୋର ବିରୋଧ

## ଆଦେଶକୁ ରଦ୍ଦ କରାନଗଲେ ଧାରଣା ଦେବାକୁ ଚେତାବନୀ



**ଧାମନଗର, ୮ ।୧୨(ସମିସ):** ଧାମନଗର ଏନ୍‌ଏସି ଅନ୍ତର୍ଗତ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟର କାର୍ଯ୍ୟରତ ଉର୍ଦ୍ଦୁ ଶିକ୍ଷକ ସେକ୍ ମହମ୍ମଦ ହନିଫ ଦୀର୍ଘ ବର୍ଷ ଧରି ଏହି ବିଦ୍ୟାଳୟରେ ଶିକ୍ଷକତା କରିଆସୁଥିଲେ। ଭଦ୍ରକ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୦୭୯୭, ତା. ୫-୧୨-୨୩ ଅନୁଯାଇ ତାଙ୍କୁ ଭଦ୍ରକ ଏନଏସି ହାଇସ୍କୁଲକୁ ଅସ୍ଥାୟୀ ଭାବେ ବଦଳି ନିର୍ଦ୍ଦେଶ ଦିଆଯାଇଛି। ହେଲେ ଏହି ବଦଳି ନିର୍ଦ୍ଦେଶ ଖବର ପାଇ ବିଦ୍ୟାଳୟର ପରିଚାଳନା କମିଟି, ସ୍ଥାନୀୟ ଅଞ୍ଚଳର ଅଭିଭାବକ ତଥା ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ବଦଳି ନିର୍ଦ୍ଦେଶକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଶୁକ୍ରବାର ଉକ୍ତ ବିଦ୍ୟାଳୟରେ ଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ ଦାସଙ୍କୁ ଲିଖିତ ଅଭିଯୋଗ ଦେଇଛନ୍ତି। ହନିଫ ସାରଙ୍କ ସ୍ଥାନରେ ଭଦ୍ରକ ଏନ୍‌ସି ହାଇସ୍କୁଲରୁ ଆସିଥିବା ସେକ ଅଖତର ହୋସେନ ସାରକୁ କାର୍ଯ୍ୟରେ ଯୋଗଦାନ ନ କରାଇବା ପାଇଁ ମଧ ଲିଖିତ ଅଭିଯୋଗ କରାଯାଇଛି। ଉକ୍ତ ନିର୍ଦ୍ଦେଶକୁ ଧାମନଗର ହାଇସ୍କୁଲ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକ ଏବଂ ଶିକ୍ଷା ପରିଚାଳନା କମିଟି ସଭାପତି ଓ ସଭ୍ୟ ସଭ୍ୟା, ସ୍ଥାନୀୟ କାଉନସିଲର ସମେତ ଜନସାଧାରଣ ଘୋର ବିରୋଧ କରିବା ସହିତ ଆସ୍ଥାୟୀ ବଦଳିକୁ ନେଇ କିଛି ସମୟ ପାଇଁ ହାଇସ୍କୁଲ ପରିସରରେ ଉତ୍ତେଜନା ଦେଖା ଦେଇଥିଲା। ତେଣୁ ତୁରନ୍ତ ଏହି ବଦଳି ନିର୍ଦ୍ଦେଶକୁ ବାତିଲ କରାନଗଲେ ସ୍କୁଲ ଫାଟକରେ ତାଲା ପକାଇ ରାସ୍ତାରେ ଧାରଣାରେ ବସିବା ପାଇଁ ଶିକ୍ଷା ପରିଚାଳନା କମିଟିର ସଭାପତି ପ୍ରହ୍ଲାଦ ମହାପାତ୍ର, ପୂର୍ବତନ ସଭାପତି ସେକ ଜାଫର ଅଲ୍ଲୀ, ସମାଜସେବୀ ଗୋଲାମ ଜିଲାନୀ ହବିବି, ବିଜୟ ବେହେରା, କୁମାରେଶ ଖିଲାରଙ୍କ ସମେତ ବହୁ ଅଭିଭାବକ ସେକ ଇକବାଲ ଅହମଦ, ସେକ ହାମିଦ, ସେକ ଲାଲୋ, ସେକ ସିରାଜ ପ୍ରମୁଖ ଚେତାବନୀ ଦେଇଥିବା ବେଳେ ଏଥିପ୍ରତି ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି।

## ଭଦ୍ରକ ଜିଲ୍ଲା କୋଷାଗାର | ପେନ୍‌ସନ୍ ପାଇଛନ୍ତି ୩୫୬୫ ହିତାଧିକାରୀ

**ଭଦ୍ରକ, ୮ ।୧୨(ସମିସ):** ଭଦ୍ରକ ଜିଲ୍ଲା କୋଷାଗାର ବା ଟ୍ରେଜେରୀ ଅଫିସ କାର୍ଯ୍ୟାଳୟ ଅଧୀନରେ ୩ହଜାର ୫୬୫ଜଣ ବିଭିନ୍ନ ବିଭାଗର ପେନସନଧାରୀ ବା ଭତ୍ତାଧାରୀ ପେନସନ ନେଉଥିବା ଜଣାଯାଇଛି। ମିଳିଥିବା ସୂଚନାନୁଯାୟୀ, ଜିଲ୍ଲା କୋଷାଗାରରେ ଏବେ କେବଳ ସରକାରୀ ସ୍କୁଲ୍ ଓ ଏଡେଡ୍ ସ୍କୁଲର ମୋଟ ୧ହଜାର ୭୭୬ଜଣ ଅବସରପ୍ରାପ୍ତ ଶିକ୍ଷକ ପେନ୍‌ସନ ନେଉଛନ୍ତି। ସେହିଭଳି ବିଭିନ୍ନ ସରକାରୀ ଓ ଆଉଣ୍ଟସ୍ ଜେନେରାଲଙ୍କ ଅଧୀନରେ କାର୍ଯ୍ୟ କରି ଅବସରଗ୍ରହଣ କରିଥିବା ମୋଟ ୧ହଜାର ୩୦୬ଜଣ ଅଧିକାରୀ ଓ କର୍ମଚାରୀମାନେ ପେନସନ ନେଉଥିବା ଜଣାଯାଇଛି। ଅନ୍ୟପକ୍ଷରେ ଜିଲ୍ଲା କୋଷାଗାରରୁ ଜିଲ୍ଲାର ୧୬ଜଣ ସ୍ୱାଧୀନତା ସଂଗ୍ରାମୀ ରାଜ୍ୟ ପେନସନ୍ ଗ୍ରହଣ କରୁଛନ୍ତି। ପ୍ରତିରକ୍ଷା ବିଭାଗରୁ ଅବସରପ୍ରାପ୍ତ ୩୦ଜଣ କର୍ମଚାରୀ (ଡିଫେନ୍ସ)ପେନସନ ନେଉଛନ୍ତି। ସେହିଭଳି ପଶ୍ଚିମବଙ୍ଗ ଓ ଅନ୍ୟ ପ୍ରଦେଶରୁ ସରକାରୀ ଚାକିରିରୁ ଅବସରଗ୍ରହଣ କରିଥିବା ମୋଟ ୪୧ଜଣ ଅବସରପ୍ରାପ୍ତ ଅଧିକାରୀ ପେନସନ ନେଉଥିବା ସୂଚନା ମିଳିଛି। ଏଥିମଧ୍ୟରେ ପଶ୍ଚିମବଙ୍ଗ ସରକାରଙ୍କ ଅଧୀନରେ ଅବସରପ୍ରାପ୍ତ ୩୬ଜଣ ପେନସନଧାରୀ ଥିବା ବେଳେ ଅରୁଣାଚଳପ୍ରଦେଶରୁ ୩ଜଣ, ନାଗାଲାଣ୍ଡରୁ ୧ଜଣ ଝାଡଖଣ୍ଡରୁ ୧ଜଣ ପେନସନଧାରୀ ଥିବା ଜଣାଯାଇଛି। ଜିଲ୍ଲାରେ ଅନେକ ପୂର୍ବତନ ବିଧାୟକ ଥିଲେ ମଧ୍ୟ କେବଳ ଜଣେ ବିଧାୟକ ଭଦ୍ରକ ଟ୍ରେଜେରୀ ବା କୋଷାଗାରରୁ ପେନସନ ନେଉଥିବା ଜଣାଇଛି। ସେ ହେଉଛନ୍ତି ଚାନ୍ଦବାଲିର ପ୍ରାକ୍ତନ ବିଜେଡି ବିଧାୟକ ତଥା ବରିଷ୍ଠ ବିଜେଡିନେତା ବିଜୟ ନାୟକ ବୋଲି କୋଷାଗାର ସୂତ୍ରରୁ ଜଣାଯାଇଛି। ପୂର୍ବାପେକ୍ଷା ଅନେକ ଅବସରପ୍ରାପ୍ତ କର୍ମଚାରୀମାନେ ବ୍ୟାଙ୍କରୁ ସିଧାସଳଖ ପେନସନ ନେଉଥିବାରୁ ଜିଲ୍ଲା କୋଷାଗାରରେ ବହୁ ସଂଖ୍ୟକ ପେନସନଧାରୀଙ୍କ ସଂଖ୍ୟା ହ୍ରାସ ପାଇଥିବା ଜଣାଯାଇଛି। ଅନ୍ୟପକ୍ଷରେ ୨୦୧୮ ପରେ ଟ୍ରେଜେରୀରୁ ବ୍ୟାଙ୍କକୁ ପେନସନ ଟ୍ରାନ୍ସଫର ହେବା ବନ୍ଦ ହୋଇଥିବାରୁ ଟ୍ରେଜେରୀରୁ ଉପରୋକ୍ତ ପେନସନଧାରୀମାନେ ପେନସନ ଗ୍ରହଣ କରିବାକୁ ବାଧ ହେଉଥିବା ଜଣାଯାଇଛି।

## ପ୍ରଶାସନର ଘାଟ ନିଲାମ ପ୍ରହସନ | ବାଲି ଖନନ ବଦଳଉଛି ନଦୀ ଗତି ପଥ

**ଆଗରପଡ଼ା, ୮ ।୧୨(ସମିସ):** ବେଆଇନ୍ ଭାବେ ନଦୀ ପଠାରୁ ବାଲି ଓ ମାଟି ଖନନ ଯୋଗୁଁ ସାଳନ୍ଦୀ ନଦୀର ଗତପଥ ବଦଳୁଥିବା ଅଭିଯୋଗ ହୋଇଛି। ଆଗରପଡ଼ା ଥାନା ଗୋପିନାଥପୁର, ମହାନ୍ତିପଡ଼ା, ଚାରିଗାଁ ଏବଂ ଅଣିଜୋ ଆଦି ପଞ୍ଚାୟତ ଅନ୍ତର୍ଗତ ସାଳନ୍ଦୀ ନଦୀରୁ ଦୀର୍ଘ ଦିନ ଧରି ବେନିୟମ ଭାବେ ମାଫିଆ ମାନେ ଦିନ ଦ୍ୱିପ୍ରହରରେ ବାଲି ଖୋଳି ନେଉଛନ୍ତି। ପୂର୍ବରୁ ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ଘାଟ ଗୁଡ଼ିକୁ ଗତ ବର୍ଷ ୨୦୨୦ରେ ନିଲାମ କରାଯାଇଥିଲା। ନିଲାମ ପରେ ଅଞ୍ଚଳବାସୀ ବେଆଇନ ବାଲି ଖନନ ଉପରେ ରୋକ ଲାଗିବ ବୋଲି ଆଶା ବ୍ୟକ୍ତ କରିଥିବା ବେଳେ ଏଥିରେ ବେନିୟମ ହେଉଥିବା ଅଭିଯୋଗ ହେଉଛି। ସରକାରଙ୍କ ପ୍ରଦତ୍ତନିୟମକୁ କେହିବି ମାନୁ ନାହାନ୍ତି। ପୂର୍ବପରି ରାଜସ୍ୱ ବିଭାଗ କର୍ମଚାରୀଙ୍କ ଜ୍ଞାତ ସାରରେ ଦିନ ଦ୍ୱିପ୍ରହରରେ ଖୋଲାଖୋଲି ଭାବେ ନିର୍ଦ୍ଧାରିତ ନିୟମଠାରୁ ଅଧିକ ବାଲି ଖୋଳାଯାଇ ଟ୍ରାକ୍ଟର ଓ ଟ୍ରକରେ ଅନ୍ୟ ସ୍ଥାନକୁ ପଠାଯାଉଛି। ଏହା ଜାଣି ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଅଭିଯୋଗ ହେଉଛି। ଗ୍ରାମବାସୀ ଏହାକୁ ବିରୋଧ କଲେ ମାଫିଆମାନଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ କୌଣସି କିଛି ସୁଫଳ ମିଳିପାରୁ ନାହିଁ। ଘାଟ ନିଲାମ କେବଳ ପ୍ରହସନ ପାଲଟିଛି। ପ୍ରତିଦନ ଏହି ପରି ବେଧଡ଼କ ବାଲି ଖୋଳାଯାଉଥିବାରୁ ନଦୀର ଗତିପଥ ପରିବର୍ତ୍ତନ ଘଟୁଛି। ଯାହାକି ପୂର୍ବ ବର୍ଷ ପରି ସାମାନ୍ୟ ବର୍ଷା ହେଲେ ନଦୀ ବଢ଼ି ପାଣି ଗାଁ ମଧ୍ୟକୁ ପଶିଆସି ଲୋକମାନଙ୍କର ବ୍ୟାପକ କ୍ଷତି ପହଞ୍ଚାଇବା ସମ୍ଭାବନା ସୃଷ୍ଟି କରୁଛି। ଆହୁରି ମଧ ବାଲିମାଫିଆମାନେ ନଦୀ ତଟକୁ ଦୁଇ ତିନି ମିଟର ଲେଖାଏଁ ଖୋଳି ଦେବା ଦ୍ୱାରା ବିଭିନ୍ନ ସମୟରେ ଗୃହପାଳିତ ପଶୁ ମାନେ ଏଥିରେ ଖସିପଡ଼ି ଖଣ୍ଡିଆ ଖାବରା ହେଉଥିବାର ନଜିର ରହିଛି। ସାଳନ୍ଦୀ ନଦୀର ପାର୍ଶ୍ୱରେ ଥିବା କାଣ୍ଡବା, ସାହୁପଡ଼ା, ଶ୍ରୀରାମପୁର, ଅମରସିଂହପୁର, ଚାରିଗାଁ, ଚକ୍ରାପାଢ଼ୀ, ଅଣିଜୋ, ଇଟୁଆ, ବିରିଡିହି ଆଦି ଗ୍ରାମଗୁଡ଼ିକରେ ଅବାଧ ବାଲି ଖନନ ଯୋଗୁଁ ଆଗକୁ ସାଳନ୍ଦୀନଦୀରେ ଲିନ ହେବାର ଆଶଙ୍କା ସୃଷ୍ଟି ହୋଇଛି।



## ଅସୁରାଳିରେ ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ



**ଅସୁରାଳି, ୮ ।୧୨(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଅସୁରାଳୀ ଦେଶବନ୍ଧୁ ନୋଡାଲ ସ୍କୁଲ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଗଦାଧର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜ ଯୋଗ ଦେଇଥିବା ବେଳେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଅସୁରାଳି ଜୋନ ଜିଲ୍ଲା ପରିଷଦ ଶାରଦାପ୍ରସନ୍ନ ସାହୁ, ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ସ୍ଥାନୀୟ ସରପଞ୍ଚ ମିନତି ସାହୁ, ଶିକ୍ଷାବିତ ନିର୍ମଳ ଚନ୍ଦ୍ର ସେଠୀ, ସଂଯୋଜକ ଅକ୍ଷୟ ହୋତା, ଏବିଓ ସତ୍ୟ ସୁନ୍ଦର ପରିଡ଼ା, ଶିକ୍ଷକ ଧର୍ମେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ ଶିକ୍ଷୟିତ୍ରୀ ଲିପିରେଖା ବେହେରା ଅତିଥିମାନଙ୍କ ଦ୍ୱାରା ଉଦଘାଟନୀ ବେଳେ ବେଦପାଠ କରିଥିଲେ ଏବିଓ ସତ୍ୟସୁନ୍ଦର ପରିଡ଼ା। ଉକ୍ତ ବିଜ୍ଞାନ ମେଳାରେ ୧୦୦ଟି ସ୍କୁଲରୁ ୧୦୭ଟି ପ୍ରକଳ୍ପ ଉପସ୍ଥାପନ କରାଯାଇଥିଲା। ତନ୍ମଧ୍ୟରୁ ୫ଟି ବିଭାଗରେ ଯୋଗ୍ୟ ବିବେଚିତ ୮ଟି ପ୍ରୋଜେକ୍ଟ ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ କରାଯାଇଛି। ଏହି କାର୍ଯ୍ୟକ୍ରମ ରେ ଦେଶବନ୍ଧୁ ନୋଡାଲ ର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗରେ ବିଜ୍ଞାନ ମେଳାଟି ସମ୍ପାଦିତ ହୋଇଛି। ପ୍ରଧାନ ଶିକ୍ଷକ ପ୍ରବୀଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ମୂଲ୍ୟହୀନ ପାଲଟିଛି ସୂଚନା ଫଳକ

ଆଗରପଡ଼ା, ୮ ।୧୨(ସମିସ)

ସରକାରୀ ଅନୁଦାନରେ ଯେକୌଣସି କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କାର୍ଯ୍ୟସ୍ଥଳି ନିକଟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ନିର୍ମାଣ କରି ସେଥିରେ ସବିଶେଷ ସୂଚନା ଲେଖାଯିବାର ନିୟମ ଥିଲେ। ସୁଦ୍ଧା ଭଦ୍ରକ ଜିଲ୍ଲା ବନ୍ତ ପଞ୍ଚାୟତ ସମିତି ପକ୍ଷରୁ ହେଉଥିବା ଉନ୍ନୟନ କାର୍ଯ୍ୟରେ ଏହାର ବ୍ୟତିକ୍ରମ ହେଉଥିବା ଦେଖିବାକୁ ମିଳୁଛି। ଯଦ୍ୱାରା ସୂଚନା ଫଳକ ନିର୍ମାଣ ମୂଲ୍ୟହୀନ ପାଲଟିଛି। ଓଡ଼ଙ୍ଗ ପଞ୍ଚାୟତ ଅନ୍ତର୍ଗତ ତୋଟାସାହି ଠାରେ ଥିବା ତୋଟାସାହି ଖେଳପଡ଼ିଆର ଉନ୍ନତି କରଣ ନିମନ୍ତେ ଗତ ୨୦୨୦-୨୧ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୨ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ କାର୍ଯ୍ୟାରମ୍ଭ ହୋଇଥିଲା। ଉକ୍ତ ଯୋଜନାକୁ ଇତି ମଧ୍ୟରେ ୩ବର୍ଷ ବିତି ଯାଇଥିଲେ ସୁଦ୍ଧା ଏହାର ଉନ୍ନତି କରଣ ସ୍ଥିତିତ୍ୱ ହରାଇଥିବା ଫଳକରେ ସୀମିତ ହୋଇ ରହିଯାଇଥିବା ଜଣାପଡ଼ିଥିଲା। ସରକାରୀ ସ୍ତରୀୟ କୌଣସି ଉନ୍ନତି ମୂଳକ କାର୍ଯ୍ୟାରମ୍ଭ ହେଲେ କାର୍ଯ୍ୟସ୍ଥଳୀ ନିକଟରେ ଫଳକ ନିର୍ମିତ ହେବା ସହ ସୂଚନା ଲିପିବଦ୍ଧ ହେବା ବାଧ୍ୟତା ମୂଳକ ହୋଇଥିବା ବେଳେ ଏଠାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ସ୍ଥାପିତ ହୋଇଥିବା ସୂଚନା ଫଳକଟି ତଳେ ଗଳିପଡ଼ିଥିବା ବେଳେ ଉକ୍ତ ଫଳକରେ କାର୍ଯ୍ୟାରମ୍ଭ ଓ କାର୍ଯ୍ୟଶେଷର କୌଣସି ସୂଚନା ନଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ଗଳି ପଡ଼ିଥିବା ଫଳକକୁ ମରାମତି କରି ନୂତନ ଭାବେ ପୁଣିଥରେ ତୋଟାସାହି ଖେଳପଡ଼ିଆର ଉନ୍ନତି କରଣ ନିମନ୍ତେ ଗତ ୨୦୨୨-୨୩ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୩ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ବର୍ଷ ୨୦୨୩ ଫେବୃଆରୀ ମାସ ୨୨ ତାରିଖରେ କାର୍ଯ୍ୟାରମ୍ଭ ହୋଇଥିବାର ସୂଚନା ଲିପିବଦ୍ଧ ହୋଇଥିବା ବେଳେ କାର୍ଯ୍ୟ ଶେଷରେ କୌଣସି ସୂଚନା ନଥିବା ସ୍ଥାପିତ ଫଳକରୁ ଜଣାପଡ଼ିଛି। ବର୍ତ୍ତମାନ ଉକ୍ତ ଖେଳ ପଡ଼ିଆ କେବଳ ଅନାବନା ଗଛ ଓ ଗୁଳ୍ମ ଘେରରେ ନିଜର ଉନ୍ନତିକରଣର ସୂଚନା ଦେଉଛି।



ସେହିପରି ତୋଟାସାହି ଠାରେ ତୋଟାସାହି ପଞ୍ଚାୟତ ପୋଖରୀର ପୁନଃଉଦ୍ଧାର ନିମନ୍ତେ ଗତ ୨୦୨୨-୨୩ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୩ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ବର୍ଷ ୨୦୨୩ ମାର୍ଚ୍ଚ ମାସ ୦୩ ତାରିଖରେ କାର୍ଯ୍ୟାରମ୍ଭ ହୋଇଥିବାର ସୂଚନା ଲିପିବଦ୍ଧ ହୋଇଥିବା ବେଳେ କାର୍ଯ୍ୟ ଶେଷର କୌଣସି ସୂଚନା ନଥିବା ସ୍ଥାପିତ ଫଳକରୁ ଜଣାପଡ଼ିଛି। ଉକ୍ତ ଫଳକ ବର୍ତ୍ତମାନ ଗୁଳ୍ମ ଘେରରେ ରହିଯାଇଛି। ସେହିପରି କାଦବରାଙ୍ଗ ଓ ବଡ଼ବର୍ଚ୍ଛିକୟାଁ ପଞ୍ଚାୟତରେ ପ୍ରକଳ୍ପ ନିର୍ମାଣ ସ୍ଥାନରେ ଫଳକ ଅଛି କିନ୍ତୁ ଉକ୍ତ ଫଳକରେ ସୂଚନା ଲେଖାଯାଇନଥିବା ଦେଖିବାକୁ ମିଳିଛି। ଖାଲି ଓଡ଼ଙ୍ଗ, କାଦବରାଙ୍ଗ କିମ୍ବା ବଡ଼ବର୍ଚ୍ଛିକୟାଁ ପଞ୍ଚାୟତ ନୁହେଁ ବ୍ଲକର ଅନ୍ୟ ପଞ୍ଚାୟତରେ ମଧ ଏହିପରି ଦୃଶ୍ୟ ଦେଖିବାକୁ ମିଳୁଛି। ତେଣୁ ଏଠାରେ ପ୍ରଶ୍ନ ଉଠୁଛିଯେ କାର୍ଯ୍ୟ ଆରମ୍ଭ ହୋଇ କ'ଣ କାର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ରହୁଛି ନା ବିନା କାର୍ଯ୍ୟରେ କେବଳ ଆରମ୍ଭର ସୂଚନା ଦିଆଯାଇ ସରକାରୀ ଅର୍ଥ ହଡ଼ପ ହେଉଛି। ତେଣୁ ସୂଚନା ଫଳକକୁ ପ୍ରହସନରେ ପରିଣତ ନ କରି ସେଥିରେ କାର୍ଯ୍ୟର ସ୍ୱଚ୍ଛତାକୁ ନେଇ ସର୍ବସାଧାରଣଙ୍କ ନିମନ୍ତେ ସବିଶେଷ ସୂଚନା ପ୍ରଦାନ କରିବା ସହ କାର୍ଯ୍ୟାରମ୍ଭ ସହ କାର୍ଯ୍ୟ ସରିବାର ସୂଚନା ମଧ ଲିପିବଦ୍ଧ କରିବା ପାଇଁ ବିଭାଗୀୟ ଅଧିକାରୀ ଚେଷ୍ଟିତ ହେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

